ବର୍ଷ-୨୫, ସଂଖ୍ୟା-୭୦
ଭୁବନେଶ୍ୱର
୧୨, ମାର୍ଚ୍ଚ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 70
Bhubaneswar
12, March, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିବାହ ବନ୍ଧନରେ ଅନୁଭବ-ଜାଗୃତି

# ବିଧାନସଭାରେ ମାର୍‌ପିଟ୍ ପରିସ୍ଥିତି

**ଭୁବନେଶ୍ୱର,୧୧।୩(ମହାଭାରତ):** ଗତକାଲି ବିଧାନସଭାରେ ଯେଉଁଭଳି ଭାବେ ହଙ୍ଗାମା, ନାରାବାଜି, ଧାରଣା ପ୍ରଦର୍ଶନ ଭଳି ଘଟଣା ଦେଖାଯାଇଥିଲା ଆଜି ଗୃହରେ ତା'ଠୁ ବଳିଯାଇଥିଲା। ଗତକାଲି ବିଧାନସଭା ଯେଉଁଠୁ ମୁଲତବୀ ଘୋଷଣା କରାଯାଇଥିଲା ଅନୁରୂପ ଭାବେ ଆଜି ସେଭଳିସ୍ଥିତିରୁ ଆରମ୍ଭ ହୋଇଥିଲା। ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କର ଭିନ୍ନ ଭିନ୍ନ ପ୍ରସଙ୍ଗରେ ହଙ୍ଗାମା ଓ ନାରାବାଜୀ ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଶାସକ-ବିରୋଧୀ ବିଧାୟକ ଠେଲାପେଲା ଓ ହାତାହାତି ହେବାକୁ ପଛାଇନଥିଲେ। ଗଣତନ୍ତ୍ରର ମନ୍ଦିରରେ ଆଜି ରଣକ୍ଷେତ୍ର ପାଲଟି ଯାଇଥିଲା। ଏ ନେଇ ବିଧାୟକମାନେ ପରସ୍ପର ଉପରେ

## ତାରା ୭ ଦିନ ସସ୍‌ପେଣ୍ଡ

ଦୋଷ ଲଦାଲଦି ହୋଇଥିଲେ। ଏଭଳି ଅଭାବନୀୟ ପରିସ୍ଥିତି କାରଣରୁ ବାଚସ୍ପତି ୧୧.୦୩ ମିନିଟରୁ ଦିନ ୧୨.୩୦ ଯାଏ ଗୃହକୁ ମୁଲତବୀ ରଖିଥିଲେ। ଏହା ପରେ ମଧ୍ୟ ବିରୋଧୀଦଳର ବିଧାୟକ ମାନେ ହଙ୍ଗାମା ଜାରି ରଖିଥିଲେ । ଏହି କାରଣରୁ ବାଚସ୍ପତିଙ୍କୁ ଅନେକ ଥର ଗୃହକୁ ମୁଲତବୀ ରଖିବାକୁ ବାଧ୍ୟ ହୋଇଥିଲେ ।

ଆଜି ମଧ୍ୟ ସୋମବାର ଭଳି ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ୧୦.୩୦ ମିନିଟ ପୂର୍ବରୁ ବାଚସ୍ପତିଙ୍କ ପୋଡିୟମ ଆଗକୁ ଆସି ନାରାବାଜୀ ଓ ହଙ୍ଗାମା କରିଥିଲେ । ସେମାନଙ୍କର ହାତରେ ପ୍ଲାକାର୍ଡ ଥିଲା । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଦ୍ୱାରା ଦିଆଯାଇଥିବା ବକ୍ତବ୍ୟକୁ ବିରୋଧ କରି ବିଜେଡି ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ।



ସେମାନେ ବିଭାଜନକାରୀ ଶକ୍ତି ମାନେ ସାବଧାନ ହୁଅ ପରି ଅନେକ ସ୍ଲୋଗାନ ପ୍ଲାକାର୍ଡରେ ଲେଖିଥିବା ଦେଖିବାକୁ ମିଳିଥିଲା। ସେହିପରି ରାଜ୍ୟରେ ମହିଳା ମାନଙ୍କର ସୁରକ୍ଷା ପ୍ରସଙ୍ଗରେ ହାତରେ ପ୍ଲାକାର୍ଡ ଧରି କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କୁ ସୁରକ୍ଷା ଦେଇ ପାରିବେ ତ ଭଳି ଅନ୍ୟ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ କଂଗ୍ରେସ ବିଧାୟକ ମାନେ ଧରି ଥିଲେ ।

ଆଜି ମଧ୍ୟ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ବାରମ୍ବାର ଚଢୁଥିବା ଓ ସୁରକ୍ଷା କର୍ମୀ ମାନେ ତାଙ୍କୁ ଅଟକାଉଥିବା ଦେଖିବାକୁ ମିଳିଥିଲା। ବାଚସ୍ପତି ସୁରମା ପାଢୀ ବାରମ୍ବାର ବିରୋଧୀ ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରୁଥିଲେ। ତେବେ ଆଜି ହଙ୍ଗାମା ସତ୍ତ୍ୱେ ବାଚସ୍ପତି ଗୃହ କାର୍ଯ୍ୟ ଜାରୀ ରଖିଥିଲେ। ବିଜେପି ବିଧାୟକ ମାନଙ୍କର ପ୍ରଶ୍ନର ଉତ୍ତର ମନ୍ତ୍ରୀ ମାନେ ଦେଉଥିଲେ ଓ ପରବର୍ତ୍ତୀ ସମୟରେ ଅତିରିକ୍ତ ପ୍ରଶ୍ନର ମଧ୍ୟ ଉତ୍ତର ଦେଉଥିଲେ। ତେବେ ହଙ୍ଗାମା କାରଣରୁ ମନ୍ତ୍ରୀଙ୍କ ଉତ୍ତର ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହୋଇ ପାରୁ ନଥିଲା। ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଚେଷ୍ଟା କରି ବିଫଳ ହେବା ପରେ ବିରୋଧୀ ବିଧାୟକମାନେ ରିପୋର୍ଟର ଟେବୁଲକୁ ଚଢି ଯାଇଥିଲେ। ତାରା ବାହିନୀପତି, ସାଗର ଦାସ, ରୋମାଞ୍ଚ ରଂଜନ ବିଶ୍ୱାଳ, ଯୋଗେଶ ସିଂହ, ଦେବୀ ରଞ୍ଜନ ତ୍ରିପାଠୀ, ମାଧବ ଧଡା, ନବ ମଲ୍ଲିକ, ଅଭିମନ୍ୟୁ ସେଠୀ, ଚକ୍ରମଣି କହଁର ବିଧାନସଭା ରିପୋର୍ଟର ଟେବୁଲ ଉପରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ତାରା ବାହିନୀପତି, ସାଗର ଦାସ ଚପଲ ପିନ୍ଧି ରିପୋର୍ଟର ଟେବୁଲ ଉପରେ ଚଢିଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ରିପୋର୍ଟର ମାନଙ୍କର ଇୟର ଫୋନକୁ ଜୋର ଜବରଦସ୍ତି ଖୋଲି ଦେଇଥିବା ଦେଖିବାକୁ ମିଳିଥିଲା।

ଏସବୁ ସତ୍ତ୍ୱେ ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନକାଳ ଜାରୀ ରଖିଥିଲେ। କଂଗ୍ରେସ ବିଧାୟକ ମାନେ ଶେଷରେ ପ୍ରଶ୍ନର ଉତ୍ତର ଦେଉଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିକଟକୁ ଯାଇ ତାଙ୍କୁ ଉତ୍ତର ଦେବାକୁ ବାଧା ଦେବାକୁ ଚେଷ୍ଟା କରିଥିଲେ। ଏହାକୁ ଦେଖି ଶାସକ ଦଳର ବିଧାୟକ ମାନେ ମଧ୍ୟ ସେଠାକୁ ପହଞ୍ଚି ଯାଇଥିଲେ। ଫଳରେ ଠେଲା ପେଲା ପରିସ୍ଥିତି ଉତ୍ପନ୍ନ ହୋଇଥିଲା। ଏହି ସମୟରେ ଜୟନାରାୟଣ ମିଶ୍ର ଓ ତାରା ପ୍ରସାଦ ବାହିନୀପତିଙ୍କ ଭିତରେ ହାତାହାତି ହୋଇଥିଲା। ଏହାକୁ ଦେଖି ବାଚସ୍ପତି ଗୃହକୁ ୧୨.୧୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

ଗୃହ ଭିତରେ ହାତାହାତି ପରେ ବିଜେଡି ବିଧାୟକ ବିଧାନସଭା ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଆସି ଧାରଣା ଦେଇଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୁଆଡ଼େ ଗଲେ ଲେଖାଥିବା ପୋଷ୍ଟର ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଗରେ ପ୍ରତିବାଦ କରିଥିଲେ। ୧୨.୧୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ମାନେ ପୁଣି ଥରେ ହଙ୍ଗାମା କରିଥିଲେ। ଏହି କାରଣରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଦୁଇ ଥର ଦଶ – ଦଶ ମିନିଟ କରି ୧୨.୩୦ ମିନିଟ ଯାଏ ଗୃହକୁ ସ୍ଥଗିତ କରିଥିଲେ। ୧୨.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ପୁଣି ଥରେ ସମାନ ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଆସି ହଙ୍ଗାମା ଜାରି ରଖିଥିଲେ। ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଉଭୟ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କୁ ସେମାନଙ୍କ ସ୍ଥାନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ପୁଣି ଥରେ ନିବେଦନ କରିଥିଲେ। ଏହା ସତ୍ତ୍ୱେ ସେମାନେ ସେମାନଙ୍କର ହଙ୍ଗାମା ଜାରୀ ରଖିଥିଲେ।

ବାଚସ୍ପତି ଜଣେ ପରେ ଜଣେ ଶାସକ ଦଳର ବିଧାୟକ ମାନଙ୍କୁ କହିବାକୁ ଡାକିଥିଲେ। ଇରାଶିଷ ଆଚାର୍ଯ୍ୟ, ଜଲେନ ମୁର୍ମୁ, ଅଶୋକ ମହାନ୍ତି, ସଂଜଳି ମୁର୍ମୁ, ଦୁର୍ଗାପ୍ରସନ ନାୟକ, ଭାସ୍କର ମଢେଇ, ଓମ ପ୍ରକାଶ ମିଶ୍ର ଓ ଅନ୍ୟ ବିଧାୟକ ମାନେ ବାଚସ୍ପତିଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଥିବା ଓ ଗୃହରେ ବିଶୃଙ୍ଖଳା ସ୍ଥିତି ଉତ୍ପନ୍ନ କରୁଥିବା ବିଧାୟକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ହଙ୍ଗାମା ମଧ୍ୟରେ ସେମାନେ ଏହି ଦାବି ଜାରି ରଖିଥିଲେ। ହଙ୍ଗାମା କମ ନ ହେବା କାରଣରୁ ବାଚସ୍ପତି ଗୃହକୁ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

# ତାରା ସସ୍‌ପେଣ୍ଡ

**ଭୁବନେଶ୍ୱର,୧୧।୩(ମହାଭାରତ):** ଗୃହରେ ଅଶାଳୀନ ଆଚରଣ ପାଇଁ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ବାଚସ୍ପତି ସାତ ଦିନ ପାଇଁ ବିଧାନସଭାରୁ ନିଲମ୍ବନ କରିଛନ୍ତି। ଗୃହରେ ଅନୁଶାସନହୀନତା ଯୋଗୁ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ବାହିନୀପତିଙ୍କୁ ନେଇ ନିଲମ୍ବନ ପ୍ରସ୍ତାବ ଦେଇଥିଲେ। ଏହି ବିଷୟ ଉପରେ ବିଚାର କରିବା ପରେ ବାଚସ୍ପତି ସୁରମା ପାଢ଼ୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ତେବେ ଶ୍ରୀ ବାହିନୀପତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଗୃହର ୱେଲରେ ଧାରଣା ଦେଇଥିଲେ। ଅପରପକ୍ଷରେ ନିଲମ୍ବନ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ କଳା ପଟି ପିନ୍ଧି ଗାନ୍ଧୀ ଦେଇଥିଲେ। ନିଲମ୍ବନ ପ୍ରସଙ୍ଗ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ତାରାଙ୍କ ନିଲମ୍ବନର କଡା ଜବାବ ଦିଆଯିବ। ପିସିସି ସଭାପତି କହିଛନ୍ତି କଂଗ୍ରେସ ବିଧାୟକ କାଲି ଗୃହକୁ ଯିବେନି। ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି ପିସିସି ସଭାପତି।

ଅପରପକ୍ଷରେ ନିଲମ୍ବନ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ କଳା ପଟି ପିନ୍ଧି ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ରାତି ସାରା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦିଆଯିବ ବାଚସ୍ପତି ଏକ ପାଖିଆ ନିଷ୍ପତି ନେଇଛନ୍ତି ବୋଲି ତାରା କହିଛନ୍ତି। ନିଷ୍ପତ୍ତି ପ୍ରତ୍ୟାହାର ସହ କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ କରିଥିବା ବିଜେପି ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ତାରା ବାହିନୀପତି। ଏହାପରେ ପିସିସି ସଭାପତି ଭକ୍ତ ଚରଣ ଦାସ ବିଧାନସଭା ରେ ପହଂଚି ନିଜ ଦଳର ବିଧାୟକମାନଙ୍କ ଗାନ୍ଧୀମୂର୍ତ୍ତି ନିକଟରେ ଭେଟିଥିଲେ। ଧାରଣାରୁ ଓହରିବା ପାଇଁ ନିବେଦନ କଲା ପରେ କଂଗ୍ରେସ ବିଧାୟକମାନେ ଓହରିଯାଇଥିଲେ।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି ପିସିସି ସଭାପତି। କାଲି ୧୦ ଟା ରେ ସବୁ ବରିଷ୍ଠ କଂଗ୍ରେସ ନେତା ଙ୍କୁ କଂଗ୍ରେସ ଭବନ ଡକରା ହୋଇଛି। କାଲି ଦଳର ଷ୍ଟ୍ରାଟେଜି ନେଇ ବୈଠକରେ ଆଲୋଚନା ହେବ। ସେ କହିଛନ୍ତି ଯାହା ଘଟିଲା ଦୁର୍ଭାଗ୍ୟର ବିଷୟ । ବାଚସ୍ପତି ସର୍ବ ଦଳୀୟ ବୈଠକ ଡାକି ସମାଧାନର ରାସ୍ତା ବାହାର କରିଥିଲେ ଭଲ ହୋଇଥାନ୍ତା। ରାଜ୍ୟରେ ଛୋଟ ଛୁଆ ଗର୍ଭବତୀ ହୋଇଛନ୍ତି ,ସରକାରରେ ବସିବା ଲୋକଙ୍କୁ ଲଜ୍ୟା ଲାଗିବା କଥା।ଦାୟିତ୍ୱବୋଧତା ସରକାରର ରହିବା କଥା। ଅନ୍ତତଃ ଗୋଟିଏ ବିଧାନସଭା ଗୃହ କମିଟି କରି ଦେଇଥିଲେ ସମସ୍ତେ ଚୁପ ହୋଇ ଯାଇଥାନ୍ତେ। ଆଜି ତୃତୀୟ ଦିନରେ ଉତର ଦେବାର ଥିଲା। ହେଲେ ପାଟି ତୁଣ୍ଡ ଭିତରେ ଗୃହ ଚାଲିଲା । କଂଗ୍ରେସ ପ୍ରତିବାଦ କରିବାର ମୂଲ୍ୟ ରଖିଲେ ନାହିଁ ବୋଲି ଏଭଳି ହେଲା। ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ସେମାନଙ୍କ ଦଳ ନିଲମ୍ବନ ପ୍ରତ୍ୟାହାର ଦାବି କରୁଛି। ସେମାନେ ଆସନ୍ତାକାଲି ବାଚସ୍ପତିଙ୍କୁ ଭେଟି ନିଲମ୍ବନ ପ୍ରତ୍ୟାହାର କରି ଗୃହକୁ ନିରପେକ୍ଷ ଭାବରେ ଚଳାଇବା ପାଇଁ ଅପିଲ କରିବେ।

# ଟ୍ରେନ୍ ଅପହରଣ କରି ୨୦ ଯବାନଙ୍କୁ ହତ୍ୟା

**ଇସଲାମାବାଦ,୧୧।୩(ଏଜେନ୍ସି):** ପାକିସ୍ତାନରେ ବଡ଼ଧରଣର ଆତଙ୍କବାଦୀ ହମ୍‌ଲା ହୋଇଛି। ବେଲୁଚିସ୍ତାନ ଲିବେରେସନ ଆର୍ମି (ବିଏଲ୍‌ଏ) ପକ୍ଷରୁ ଜାଫର ଏକ୍ସପ୍ରେସକୁ ଅପହରଣ କରାଯାଇଛି। ବିଦ୍ରୋହୀମାନେ ୪୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଜାଫର ଏକ୍ସପ୍ରେସକୁ କବଜା କରିଛନ୍ତି। ଏହି ଟ୍ରେନରେ ପାକିସ୍ତାନୀ ସେନାର ୧୦୦ ସୈନିକ ଏବଂ ପାକିସ୍ତାନ ଗୁଇନ୍ଦା ସଂସ୍ଥା ର ଅନେକ ଅଧିକାରୀ ଉପସ୍ଥିତ ଅଛନ୍ତି। ଏହି ଟ୍ରେନରେ ଶହ ଶହ ସାଧାରଣ ଯାତ୍ରୀ ମଧ୍ୟ ଯାତ୍ରା କରୁଥିଲେ। କୁହାଯାଉଛି ଯେ ଏଥିରେ କ୍ୱେଟାର ସେନା ଅଧିକାରୀମାନେ ବସିଥିଲେ। କ୍ୱେଟା ପାକିସ୍ତାନର ପ୍ରମୁଖ ସାମରିକ ଘାଟି ମଧ୍ୟରୁ ଗୋଟିଏ। ତେଣୁ, ଏହି ଟ୍ରେନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ରହିବେ ବୋଲି ବିଶ୍ୱାସ କରାଯାଉଛି। ବିଏଲଏ ଦାବି କରିଛି ଯେ, ଗତ ୬ ଘଣ୍ଟା ଧରି ୧୮୨ ଜଣଙ୍କୁ ବନ୍ଧକ ରଖାଯାଇଛି। ଏହି ଅପରେଶନରେ ଏପର୍ଯ୍ୟନ୍ତ ୨୦ ଜଣ ପାକିସ୍ତାନୀ ଯବାନଙ୍କୁ ହତ୍ୟା କରାଯାଇଛି। ଜାଫର ଏକ୍ସପ୍ରେସ ଟ୍ରେନରେ ହାଇଜାକ୍ ପରେ ଏପରି ବର୍ବରକାଣ୍ଡ ଘଟିଛି।ତେବେ ଟ୍ରେନରେ ଥିବା ୧୮୨ ଯାତ୍ରୀ ପଣବନ୍ଦୀ ଥିବା ସୂଚନା ମିଳିଛି।



ପାକିସ୍ତାନ ସରକାରଙ୍କୁ ବିଏଲଏ ପକ୍ଷରୁ ନରସଂହାରର ଧମକ ଦିଆଯିବା ସହ ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପ୍ରକ୍ରିୟା ଉପରେ ମୋହର ମାରିବାକୁ ଦାବି କରିଛନ୍ତି। ସ୍ଥିତି ଅତ୍ୟନ୍ତ ଭୟଙ୍କର ଥିବା ବେଳେ ବେଲୁଚିସ୍ତାନ ସରକାର ଏମର୍ଜେନ୍ସି ଜାରି କରିଛନ୍ତି। ଅପହରଣ ଯୋଗୁ ଟ୍ରେନଟି ରେଳ ଧାରଣା ଉପରେ ରହିଛି। ସେଠାରେ ସୁରକ୍ଷାକର୍ମୀମାନେ ପହଞ୍ଚିଥିବା ବେଳେ ଗୁଳି ବିନିମୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ବିଏଲଏର ଆତଙ୍କବାଦୀମାନେ ଜାଫର ଏକ୍ସପ୍ରେସକୁ ଅପହରଣ କରି ଯାତ୍ରୀମାନଙ୍କୁ ପଣବନ୍ଦୀ କରି ରଖିଛନ୍ତି। ଟ୍ରେନଟି ପାକିସ୍ତାନର ଦକ୍ଷିଣପଶ୍ଚିମ ବେଲୁଚିସ୍ତାନ ପ୍ରଦେଶର କ୍ୱେଟାରୁ ଖାୟବର ପାଖତୁନଖ୍ୱାର ପେଶାୱରକୁ ଯାଉଥିଲା। ଏହାର ୯ଟି ବଗିରେ ମୋଟ ୪୦୦ ଜଣ ଯାତ୍ରୀ ଥିଲେ। ମୋଟ ୩୦ ଘଣ୍ଟାର ଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା।କିନ୍ତୁ ଦିନ ପ୍ରାୟ ୨ଟା ବେଳେ ବିଏଲଏର ସଦସ୍ୟମାନେ ବେଲାନ ଜିଲ୍ଲା ମୁଶକାଫ ଦେଇ ଯାଇଥିବା ରେଳ ଧାରଣାକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲେ। ଫଳରେ ଟ୍ରେନଟି ବାଧ୍ୟ ହୋଇ ସେଠାରେ ଅଟକିଥିଲା। ଏହାପରେ ବନ୍ଧୁକଧାରୀ ଆତଙ୍କବାଦୀମାନେ ଟ୍ରେନରେ ଚି ଯାତ୍ରୀମାନଙ୍କୁ ପଣବନ୍ଦୀ କରିଛନ୍ତି।ଏନେଇ ବିଏଲଏ ପକ୍ଷରୁ ଗୋଟିଏ ବିବୃତି ମଧ୍ୟ ଜାରି କରାଯାଇଛି। ଯେଉଁଥିରେ ସେମାନେ କହିଛନ୍ତି ଯେ ପଣବନ୍ଦୀ ହୋଇ ରହିଥିବା ଲୋକଙ୍କ ମଧ୍ୟରେ ପାକିସ୍ତାନ ସେନା ଓ ଅନ୍ୟ ସୁରକ୍ଷା ଏଜେନ୍ସିର ସଦସ୍ୟ ରହିଛନ୍ତି। ପାକିସ୍ତାନ ସେନା ବ୍ୟତୀତ, ପୁଲିସ୍, ଆତଙ୍କବାଦ ନିରୋଧ ସ୍କ୍ୱାଡ (ଏଟିଏଏଫ), ଆଇଏସଆଇ ସଦସ୍ୟଙ୍କୁ ସେମାନେ ପଣବନ୍ଦୀ କରିଛନ୍ତି। ଏମାନେ ସମସ୍ତେ ଛୁଟି କାଟିବାକୁ ପଞ୍ଜାବ ଯାଉଥିବା ସେମାନଙ୍କୁ ପଣବନ୍ଦୀ କରାଯାଇଛି।

ଆତଙ୍କବାଦୀମାନେ ଦାବି କରିଛନ୍ତି ଯେ ସେମାନେ ଟ୍ରେନରେ ଥିବା ମହିଳା, ଛୋଟ ପିଲା ଓ ବେଲୁଚି ଯାତ୍ରୀଙ୍କୁ ମୁକ୍ତ କରି ଦେଇଛନ୍ତି। ଟ୍ରେନରେ କେବଳ ପାକିସ୍ତାନର ବିଭିନ୍ନ ସୁରକ୍ଷା ଏଜେନ୍ସି ପାଇଁ କାମ କରୁଥିବା ସଦସ୍ୟ ରହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ କୌଣସି ଅପରେସନ ଅରମ୍ଭ କରାଯିବ, ତା'ହେଲେ ଏହାର ଦୃଢ଼ ଜବାବ ଦିଆଯିବ। ଏଯାଏ ୨୦ ଜଣ ସେନା କର୍ମଚାରୀଙ୍କୁ ହତ୍ୟା କରାଯାଇଛି ଓ ଶତାଧିକ ଲୋକ ପଣବନ୍ଦୀ ହୋଇ ରହିଛନ୍ତି ବୋଲି ବିଏଲଏ କହିଛି। ଆତଙ୍କବାଦୀମାନେ ସାଧାରଣ ଲୋକଙ୍କୁ ଛାଡ଼ି ଦେଇଥିବା କହୁଥିଲେ ହେଁ ଏବେ ବି ଜାଫର ଏକ୍ସପ୍ରେସରେ ୪୦୦ରୁ ଅଧିକ ଲୋକ ପଣବନ୍ଦୀ ହୋଇ ରହିଥିବା ଜଣାପଡ଼ିଛି। ତେବେ ବେଲୁଚି ସରକାର କିମ୍ବା ରେଳବାଇ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଅପହରଣ ଓ ପଣବନ୍ଦୀ ଖବର ମିଳିବା ପରେ ସୁରକ୍ଷାକର୍ମୀମାନେ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସେମାନେ ଆତଙ୍କବାଦୀମାନଙ୍କ ସହ କଥା ହେବା ଆରମ୍ଭ କରିଛନ୍ତି।

# ଗୋ ମାଫିଆଙ୍କୁ ଗୁଳି

**ସମ୍ବଲପୁର/ମୋରଡ଼ା,୧୧।୩(ମହାଭାରତ):** ରାଜ୍ୟରେ ଗୋଚାଲାଣ ଓ ହତ୍ୟା ବୃଦ୍ଧି ପାଇବା ଚିନ୍ତାର ବିଷୟ ପାଲଟି ଥିବାବେଳେ ଏବେ ସମ୍ବଲପୁର ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଦୁଇ ଜଣ ଗୋ ଚାଲାଣକାରୀ ତଥା ମାଫିଆଙ୍କୁ ଏନକାଉଣ୍ଟର କରିଛି ପୋଲିସ। ଏଥିରେ ଜଣଙ୍କର ବାମ ଗୋଡ ଓ ଅନ୍ୟ ଜଣଙ୍କର ଡାହାଣ ଗୋଡରେ ଗୁଳି ବାଜିଛି। ସମୁଦାୟ ୫ ରାଉଣ୍ଡ ଗୁଳି ଚାଳନା ହୋଇଛି। ପୋଲିସ ୨ଟି ଦେଶୀ ବନ୍ଧୁକ, ୪ଟି ଖୋକା, ଗୋଟିଏ କାର୍ ଜବତ କରାଯାଇଛି। ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ଖବର ଅନୁଯାୟୀ, ବେଆଇନ ଭାବେ ଏକ ଟ୍ରକରେ ୩୦ ଗୋରୁକୁ ପଶ୍ଚିମବଙ୍ଗକୁ ନେଇ ଯାଉଥିଲେ। ଚୋରା ଚାଲାଣକାରୀମାନେ ଏକ ଚେକପଏଣ୍ଟରେ ହସ୍ତକ୍ଷେପ କରିବା ପରେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏହାର ପ୍ରତିଶୋଧ ନେବାକୁ ପୋଲିସ ଗୁଳି ଚଳାଇ ଦୁଇଜଣ ଚୋରା ଚାଲାଣକାରୀଙ୍କୁ ଆହତ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଇ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସକୁ ନିଆଯାଇଥିଲା। ଚୋରା ଚାଲାଣକାରୀମାନେ କାରଟିକୁ ଏସ୍କର୍ଟ କରିବା ପାଇଁ ବ୍ୟବହାର କରିଥିଲେ। ଚୋରା ଚାଲାଣକାରୀଙ୍କ ସଂପର୍କରେ ଏକ ଗୁପ୍ତ ସୂଚନା ପାଇଁ ପୋଲିସ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହି ମାମଲାର ଅଧିକ ତଦନ୍ତ ଚାଲିଛି। ଗତ କିଛି ଦିନ ହେବ ସମ୍ବଲପୁରରେ ବଢିଚାଲିଛି ଅପରାଧ। ଅପରାଧୀଙ୍କୁ ଚେକ୍ ଦେବାକୁ ପୋଲିସ ପକ୍ଷରୁ ଜାରି ରହିଛି ଅଭିଯାନ। ଏହି ଅଭିଯାନରେ ପୋଲିସ ପକ୍ଷରୁ ବାରମ୍ବାର ଏନ୍‌କାଉଣ୍ଟର କରାଯାଉଛି । ମଙ୍ଗଳବାର ଦୁଇ-ଗୋ ମାଫିଆଙ୍କୁ ଏନ୍‌କାଉଣ୍ଟର କରିଛି ପୋଲିସ। ଦୁଇଜଣଙ୍କ ଗୋଡ ଓ ଅନ୍ୟ ଜଣଙ୍କର ଡାହାଣ ଗୋଡରେ ଗୁଳି ବାଜିଛି। ସମୁଦାୟ ୫ ରାଉଣ୍ଡ ଗୁଳି ଚାଳନା ହୋଇଥିଲା

ସେହିପରି ଗତକାଲି ବିଳମ୍ବିତ ରାତିରେ ମୋରଡା ଥାନା ଅର୍ନ୍ତଗତ ଖୁରୁଣ୍ଟିଆ। ହୋଇ ମଇଁଷି ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ମୋରଡା ଥାନା ଅଧିକାରୀ ସୁମିତ ସୋରେନଙ୍କୁ ଖବର ଦେଇଥିଲେ। ଖବର ପାଇ ମୋରଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୮୫ଟି ମଇଁଷି ଉଦ୍ଧାର କରାଯାଇଛି ।

# ମୋଦୀଙ୍କୁ ସର୍ବୋଚ୍ଚ ସମ୍ମାନ

**ମରିସସ,୧୧।୩(ମହାଭାରତ):** ମରିସସ ସରକାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଠାକାର ସର୍ବୋଚ୍ଚ ସମ୍ମାନ ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର ଆଣ୍ଡ କି ଅଫ ଇଣ୍ଡିଆନ ଓସେନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ସମ୍ମାନ ପାଇବାରେ ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ



ଭାରତୀୟ। ସେହିପରି ବିଦେଶରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଦାନ କରାଯାଇଥିବା ଏହା ହେଉଛି ୨୧ତମ ଅନ୍ତର୍ଜାତୀୟ ପୁରସ୍କାର। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମରିସସ ରାଷ୍ଟ୍ରପତି ଧରମବୀର ଗୋକୁଲଙ୍କୁ ସାକ୍ଷାତ କରିଥିଲେ। ଦୁଇ ନେତା ଭାରତ ଓ ମରିସସ ମଧ୍ୟରେ ସ୍ୱତନ୍ତ୍ର ଓ ନିବିଡ଼ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର କରିବା ଲାଗି ମତ ବିନିମୟ କରିଥିଲେ। ଏହି ପରିପ୍ରେକ୍ଷୀରେ, ସେମାନେ ଦୁଇ ଦେଶ ମଧ୍ୟରେ ରହିଥିବା ସହଭାଗୀ ଇତିହାସ ଏବଂ ଦୃଢ଼ ନାଗରିକ ସମ୍ପର୍କ ବିଷୟରେ ସ୍ମରଣ କରିଥିଲେ। ଦ୍ୱିତୀୟ ଥର ଲାଗି ମରିସସର ଜାତୀୟ ଦିବସ ସମାରୋହରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

# ରାଜ୍ୟରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦି

**ଭୁବନେଶ୍ୱର,୧୧/୩ (ମହାଭାରତ:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଆଜି ସମଗ୍ର ରାଜ୍ୟରେ ଲକ୍ଷପତି ଦିଦି ଯୋଜନା ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ସମନ୍ୱୟ ଓ ସହଭାଗିତା ମାଧ୍ୟମରେ ବିଭିନ୍ନ ଜୀବନ ଜୀବିକା କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ହିତାଧିକାରୀମାନଙ୍କୁ ସେମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ସଚେତନ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟିର ସମସ୍ତ ସଦସ୍ୟ, କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍, ସଫଳ ଲକ୍ଷପତି ଦିଦି, ପ୍ରଭାବଶାଳୀ ବ୍ୟକ୍ତି (ଇନଫ୍ଲୁଏନସର) ଏବଂ ବିଭାଗୀୟ ଅଧିକାରୀ ପ୍ରଭୃତିଙ୍କ ସମେତ ପ୍ରାୟ ୪୦୦୦ ଅଂଶଗ୍ରହଣକାରୀଙ୍କ ଉପସ୍ଥିତିରେ ଏଇ ଜିଲ୍ଲାସ୍ତରୀୟ କର୍ମଶାଳାମାନ ଅନୁଷ୍ଠିତ ହୋଇ ଯାଇଛି।

ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତା ରେ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଯେ ରାଜ୍ୟ ସରକାରଙ୍କ ଏକ ଅଗ୍ରଣୀ କାର୍ଯ୍ୟକ୍ରମ ଲକ୍ଷପତି ଦିଦି ଯୋଜନା କୁ ଅଧିକ ସୁଦୃଢ଼ କରିବା ପାଇଁ, ଓଡ଼ିଶା ସରକାର ଲକ୍ଷପତି ଦିଦି ସହାୟିକା ଯୋଜନା ଘୋଷଣା କରିଛନ୍ତି, ଯାହା ମାଧ୍ୟମରେ ସମସ୍ତ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ (ସିଏସଏସ), ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ୤ ଯେହେତୁ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ (ସିଏସଏସ) ତୃଣମୂଳ ସ୍ତରରେ ଲକ୍ଷପତି ଦିଦି ଯୋଜନାକୁ ସଫଳ ରୂପେ କାର୍ଯ୍ୟକାରୀ କରି ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ସୁନିଶ୍ଚିତ କରିବା ପାଇଁ ନିଯୁକ୍ତ ହୋଇଛନ୍ତି, ସେଥିପାଇ ସେମାନଙ୍କର କ୍ଷମତା ବୃଦ୍ଧି ଏବଂ ବୁଝାମଣା ସ୍ତରକୁ ଉନ୍ନତ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି।ସମସ୍ତ ସାମ୍ଭାବ୍ୟ ଲକ୍ଷପତି ଦିଦି ମାନଙ୍କୁ ଲକ୍ଷପତି ଦିଦି କରିବା ପାଇଁ ସମଗ୍ର ଓଡ଼ିଶାରେ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କ ପାଇଁ ସ୍ଥାନୀୟ ପ୍ରଶିକ୍ଷଣ ଶିବିର ମାନ ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କର ବ୍ୟବସାୟ ବିକାଶ ଯୋଜନା (ବିଡିପି) ପ୍ରସ୍ତୁତ କରାଯାଉଛି। ଏହି କ୍ରମରେ ୨୦୨୪-୨୫ ମଧ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ ମୋଟ ୧୬.୪୪ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି)ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ୧୧ ଲକ୍ଷ ବ୍ୟବସାୟ ବିକାଶ ଯୋଜନା (ବିଡିପି) ପ୍ରସ୍ତୁତ କରାଯାଇଛି। ଲକ୍ଷପତି ଦିଦି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ, ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ପାଇଁ ବର୍ତ୍ତମାନ ସୁଦ୍ଧା ୨୨ ହଜାରରୁ ଅଧିକ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ (ସିଏସଏସ)ଙ୍କୁ ତାଲିମ ପ୍ରଦାନ କରାଯାଇଛି।

# ଗହୀରମଥାରେ ଅଲିଭ ରିଡଲେଙ୍କ ରେକର୍ଡ ସଂଖ୍ୟକ ଅଣ୍ଡାଦାନ

**ରାଜନଗର, ୧୧।୩ (ମହାଭାରତ) :** ଗହୀରମଥାରେ କଇଁଛଙ୍କ ରେକର୍ଡ ସଂଖ୍ୟକ ଅଣ୍ଡାଦାନ କରିଛନ୍ତି। ୬ ଲକ୍ଷ ୬୦ ହଜାର ଅଲିଭ ରିଡଲେ କଇଁଛ ଅଣ୍ଡାଦାନ କରିଛନ୍ତି। ଏବର୍ଷ ମାର୍ଚ୍ଚ ୫ରୁ ୧୦ ତାରିଖ ଯାଏ ୬.୬ ଲକ୍ଷ କଇଁଛ ଅଣ୍ଡାଦାନ କରିଛନ୍ତି। ଏନେଇ ସୂଚନା ଦେଇଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ । ଋଷିକୁଲ୍ୟା ଏବଂ ଗହୀରମଥାରେ ଅଭୂତପୂର୍ବ ସାମୂହିକ ବସା ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ଚଳିତ ବର୍ଷ ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ୬ ଲକ୍ଷ ୯୮ ହଜାର ୭୧୮ ଅଲିଭ୍ ରିଡଲେ କଇଁଛ ଅଣ୍ଡା ଦେବା ସହିତ ଋଷିକୁଲ୍ୟା ନଦୀ ମୁହାଣ ସାମୂହିକ ବସା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି। ଯାହା ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଦୀର୍ଘ ୩୩ ବର୍ଷ ପରେ ଏକକୂଳା ନାସୀରେ ସମୂହ ଅଣ୍ଡାଦାନ କରିଛନ୍ତି ବିରଳ ଅଲିଭ ରିଡ଼ଲେ କଇଁଛ। ପୂର୍ବରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ କଇଁଛ ଅଣ୍ଡାଦେବା ନେଇ ବନବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। ଦୀର୍ଘଦିନ ଧରି ମାଅ। କଇଁଛମାନେ ଗହୀରମଥା ଉପକୂଳରେ ଭିଡ ଜମାଇଥିଲେ ମଧ୍ୟ ପାଗ ଅନୁକୂଳ ନଥିବାରୁ ଅଣ୍ଡାଦାନ କରିପାରୁନଥିଲେ। ୩ ଦିନ ହେବ ପାଗ ଅନୁକୂଳ ହେବାପରେ ୬ ଲକ୍ଷରୁ ଉର୍ଦ୍ଧ୍ୱ କଇଁଛ ସମୂହ ଅଣ୍ଡାଦାନ କରିଛନ୍ତି। କଇଁଛଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ସାମୁଦ୍ରିକ ପୋଲିସ ସହଯୋଗରେ ୬୭ ଟି ପାଟ୍ରୋଲିଂ କ୍ୟାମ୍ପ (୬୨ଟି ସମୁଦ୍ର କୂଳ, ୫ଟି ସମୁଦ୍ର କୂଳ) ପ୍ରତିଷ୍ଠା କରିଛି। ୨୪ ଘଣ୍ଟା ନିରୀକ୍ଷଣ ପାଇଁ ହାଇ-ସ୍ପିଡ୍ ଜାହାଜ ସମେତ ୨୨ ଟି ପାଟ୍ରୋଲିଂ ବୋଟ ନିୟୋଜିତ କରିଛି ।

# ରାଜା ଚକ୍ରଙ୍କ ୩ ଠିକଣାରେ ରେଡ୍

**ଭୁବନେଶ୍ୱର,୧୧।୩(ମହାଭାରତ):** ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେର୍‌ଫେର୍ ହୋଇଛି। ଏହି ଘଟଣାରେ ବିଜେଡି ନେତା ରାଜା ଚକ୍ର କ୍ରାଇମବ୍ରାଞ୍ଚ ସ୍କାନରେ ପଡିଛନ୍ତି ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଜା ଚକ୍ରଙ୍କ ୩ଟି ଠିକଣାରେ କ୍ରାଇବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏବଂ ଏସ୍‌ଟିଏଫ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଏହି ଚଢାଉ ବଣାଇ, ଗୋପାଳପୁର ବନ୍ଦର ଏବଂ କେନ୍ଦୁଝର ଟାଉନରେ ହୋଇଛି।

ଅନ୍ୟପକ୍ଷେ ଅନ୍ତରୀଣ ସୁରକ୍ଷାରେ ଥିବା ରାଜାଙ୍କ ଆଜି ହାଇକୋର୍ଟରେ ଶୁଣାଣି ହୋଇଛି। ରାଜାଙ୍କ ଅନ୍ତରୀଣ ସୁରକ୍ଷା ହଟାଇବାକୁ ଇଓଡବ୍ଲ୍ୟୁ ପ୍ରମାଣପତ୍ର ଦାଖଲ କରିବ। ଏହି ମାମଲାରେ କ୍ରାଇବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା((ଇଓଡବ୍ଲ୍ୟୁ)) ଏବଂ ଏସ୍‌ଟିଏଫ୍ ଗତ ମଙ୍ଗଳବାର କେନ୍ଦୁଝରର ବିଜେଡି ନେତା ସୌମ୍ୟ ଓରଫ ରାଜା ଚକ୍ରଙ୍କ ୧୦ଟି ସ୍ଥାନରେ ଚଢ଼ାଉ କରିଥିଲା ।ଏପରିକି ରାଜ୍ୟର ସମସ୍ତ ମାଇନ୍ସ କରିଡର ଚେକ ପଏଣ୍ଟରେ ରେଡ୍ କରାଯାଇଥିଲା ସେତିକିବେଳେ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି।

# ଷ୍ଟାଲିନଙ୍କ ବୈଠକରେ ଯୋଗ ଦେବେ ନବୀନ

**ଭୁବନେଶ୍ୱର, ୧୧।୩ (ମହାଭାରତ) :** ଡିଲିମିଟେସନ ବା ସୀମା ପୁନଃ ନିର୍ଦ୍ଧାରଣ ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଯେଉଁ ବୈଠକ ଡ଼କାଇଛନ୍ତି ତାକୁ ବିଜେଡି ସମର୍ଥନ କରିଛି। ଷ୍ଟାଲିନଙ୍କର ଏହି ସ୍ୱତନ୍ତ୍ର ବୈଠକରେ ଯୋଗ ଦେବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଡିଏମକେ ସାଂସଦ ଦୟାନିଧି ମାରନ୍ ଏବଂ ଆଇଟି ମନ୍ତ୍ରୀ ଟିଆରବି ରାଜା ଆଜି ଓଡ଼ିଶାଗସ୍ତରେ ଆସି ନବୀନ ନିବାସରେ ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଆସନ୍ତା ୨୬ ତାରିଖରେ ଚେନ୍ନାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ବୈଠକରେ ଯୋଗ ଦେବା ପାଇଁ ସେମାନେ ନବୀନଙ୍କୁ ନିମନ୍ତ୍ରଣ କରିଥିଲେ। ନବୀନ ଏହି ବୈଠକରେ ଯୋଗ ଦେବାକୁ ତାଙ୍କର ସମ୍ମତି ଜଣାଇଛନ୍ତି।

## କଖାରୁ ଫୁଲ ଅଣ୍ଡା ଚପ୍

**ଆବଶ୍ୟକ ସାମଗ୍ରୀ:** ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମ ଗରମ ଖାଇପାରିବେ।





ଖବର

## ବାନ୍ଧବୀ ଜାଗୃତିଙ୍କୁ ବିବାହ କଲେ ଅନୁଭବ



ଓଡ଼ିଆ ଫିଲ୍ମର ସୁପରଷ୍ଟାର ତଥା ପୂର୍ବତନ ସାଂସଦ ଅନୁଭବ ମହାନ୍ତି ଆଜି ତାଙ୍କ ବାନ୍ଧବୀ ଜାଗୃତି ଶୁକ୍ଲାଙ୍କୁ ବିବାହ କରିଛନ୍ତି। ଆଜି ସଂଧ୍ୟାରେ ଉଭୟ ପରିବାରର ସଦସ୍ୟ ଓ କିଛି ନିକଟତମ ବନ୍ଧୁଙ୍କ ଗହଣରେ ଦିଲ୍ଲୀ ତେଜରାଜ ନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ସଂପନ୍ନ ହୋଇଛି। ଏହି ବହୁ ଚର୍ଚ୍ଚିତ ବିବାହ। ବୈଦିକ ରୀତିନୀତି ସହିତ ଓଡ଼ିଆ ପରମ୍ପରା ଅନୁସାରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା। ସୁପର୍ଷ୍ଟାର ଅନୁଭବ ବରବେଶରେ ଏକ ଭିଜେ୍ କାରେ୍ର ଆସିଥିଲେ। ବିବାହ ପରେ ପରେ ବରକନ୍ୟା ରିସେପ୍ସନ୍ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଓଡ଼ିଆ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିଥିବା ବେଳେ ସଂସ୍କୃତି ନଗରୀ କଟକ ସହରରୁ ପୂଜାରୀମାନେ ଖାସ୍ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତି କରିଥିଲେ। ରିସେପ୍ସନ୍ ଭୋଜିରେ ୭୬ ପ୍ରକାରର ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଅଜୟ ପାଠୀ, ହିମାଦ୍ରୀ ତନୟା ଦାସ, ଜିତୁ ମଙ୍ଗରାଜ ପ୍ରମୁଖ ଯୋଗଦେଇ ନବବିବାହିତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ୨୦୧୪ ଫେବୃଆରି ୮ତାରିଖରେ ଲୋକପ୍ରିୟ ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ହାତ ଧରିଥିଲେ ସୁପର୍ଷ୍ଟାର ଅନୁଭବ ମହାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ବିବାଦ ବିବା ସହିତ ଅନୁଭବ ୨୦୨୧ରେ ଦିଲ୍ଲୀ ପଟିଆଲା ହାଉସ୍ ପରିବାର ଅଦାଲତରେ ଛାଡ଼ପତ୍ର ଆବେଦନ କରିଥିଲେ। ଏହି ମାମଲା ସୁପ୍ରିମକୋର୍ଟ, ହାଇକୋର୍ଟ ଓ କଟକ ଫ୍ୟାମିଲି କୋର୍ଟରେ ପହଞ୍ଚି ଥିବା ବେଳେ ଶେଷରେ ୨୦୨୩ ଡିସେମ୍ବର ୨୧ରେ ଛାଡ଼ପତ୍ର ମଞ୍ଜୁର ହୋଇଥିଲା। ସେହି ସମୟରେ ଅନୁଭବ ତାଙ୍କ ବାନ୍ଧବୀ ଜାଗୃତିଙ୍କୁ ଦ୍ୱିତୀୟ ବିବାହ କରିବେ ବୋଲି ଆଲୋଚନା ହେଉଥିବା ବେଳେ ଆଜି ସେହି ଆଲୋଚନାର ଅନ୍ତ ଘଟିଛି।

## ମହାଦେବଙ୍କ ବରଦାନ



ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

◆ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

◆ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

◆ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

◆ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

◆ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

◆ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

## ଶିବଙ୍କ ସବୁ ରୂପ ଭକ୍ତଙ୍କ ପାଇଁ କଲ୍ୟାଣକାରୀ



ଶିବଙ୍କ ସବୁ ରୂପ ଭକ୍ତଜନଙ୍କ ପାଇଁ କଲ୍ୟାଣକାରୀ । ମହାଦେବ ଏହି ସମସ୍ତ ରୂପରେ ପୂଜନୀୟ ଏବଂ ଜୀବନ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଥାନ୍ତି ।

ଅର୍ଦ୍ଧନାରୀଶ୍ୱର ରୂପ : ଭଗବାନ ଶିବଙ୍କ ଏହି ରୂପରେ ତାଙ୍କ ଶରୀରର ଗୋଟିଏ ଭାଗ ନର ଏବଂ ଅନ୍ୟ ଭାଗଟି ନାରୀ ଅର୍ଥାତ୍ ମାତା ପାର୍ବତୀଙ୍କ ରୂପରେ ଦେଖିବାକୁ ମିଳିଥାଏ । ଦୁହେଁ ସ୍ପଷ୍ଟ ରୂପରେ ଗୋଟିଏ ପ୍ରତିମା । ଏହି ରୂପରେ ଶିବଙ୍କୁ ପୂଜା କଲେ ମାତା ପାର୍ବତୀଙ୍କୁ ପୂଜିବାର ଫଳ ମଧ୍ୟ ମିଳିଯାଇଥାଏ ।

ପଞ୍ଚମୁଖୀ ଶିବ : ଭଗବାନଙ୍କ ଏହି ରୂପରେ ୫ଟି ମୁଖମଣ୍ଡଳ ରହିଛି । ଏଥିରେ ପ୍ରଥମ ମୁଖ ଊର୍ଦ୍ଧ୍ୱମୁଖୀ ହୋଇଥିବା ବେଳେ ଏହାର ରଙ୍ଗ ଲାଲ୍ ହୋଇଥାଏ । ଦ୍ୱିତୀୟ ମୁଖ ପୂର୍ବ ଦିଗକୁ ରହିଥିବା ବେଳେ ଏହାର ରଙ୍ଗ ହଳଦିଆ ହୋଇଥାଏ । ନୀଳ ରଙ୍ଗର ତୃତୀୟ ମୁଖ ଦକ୍ଷିଣ ଆଡ଼କୁ ରହିଥାଏ । କହରା ରଙ୍ଗର ଚତୁର୍ଥ ମୁଖ ପଶ୍ଚିମ ଦିଗକୁ ରହିଥାଏ। ପଞ୍ଚମ ମୁଖ ଉତ୍ତର ଦିଗକୁ ରହିଥାଏ ଯାହାର ରଙ୍ଗ ସମ୍ପୂର୍ଣ୍ଣ ଲାଲ। ଏହି ସମସ୍ତ ମୁଖ ଉପରେ ଶିବଙ୍କ ଜଟାରେ ଚନ୍ଦ୍ରମା ଶୋଭା ପାଇଥାନ୍ତି । ସମସ୍ତ ୫ମୁଖର ଅଦ୍ଭୁତ ଆଭା ପ୍ରକଟ ହୋଇଥାଏ। ଏହି ୫ଟି ମୁଖକୁ ପୂଜା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ।

ମହାମୃତ୍ୟୁଞ୍ଜୟ : ଭଗବାନଙ୍କ ଏହି ରୂପକୁ ଦେଖି ମୃତ୍ୟୁ ମଧ୍ୟ ଡରିଯାଇଥାଏ । ତାଙ୍କର ଏହି ରୂପକୁ ଧ୍ୟାନ କରି ମୃତ୍ୟୁ ଉପରେ ମଧ୍ୟ ବିଜୟ ପ୍ରାପ୍ତ କରି ହୋଇଥାଏ। ଏହି ରୂପର ସ୍ତୁତି କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ୧ ଲକ୍ଷ ୨୦ ହଜାର ଥର ଜପ କଲେ ଅସାଧ୍ୟ ରୋଗରୁ ମୁକ୍ତି ମିଳିଥାଏ ତଥା ଅକାଳ ମୃତ୍ୟୁ ଯୋଗରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ନୀଳକଣ୍ଠ : ଶିବଙ୍କ ଏହି ରୂପରେ ଭଗବାନଙ୍କ କଣ୍ଠ ଅର୍ଥାତ୍ ଗଳା ନୀଳ ରଙ୍ଗ ହୋଇଥାଏ । ଥରେ ଭଗବାନ ଶିବ ବିଷ ପିଇଦେଇଥିଲେ, ଫଳରେ ତାଙ୍କର ସମସ୍ତ କଣ୍ଠ ନୀଳ ହୋଇଗଲା। ଭଗବାନଙ୍କ ଏହି ରୂପରେ ତାଙ୍କ ମୁଖରେ ଅତ୍ୟଧିକ ତେଜ ପରିବ୍ୟାପ୍ତ ଥାଏ। ଯାହାର ତୁଳନା ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ କରାଯାଇପାରେ ।

ନଟରାଜ : ଭଗବାନଙ୍କର ଏହା ରୌଦ୍ରରୂପ । ଏହି ରୂପରେ ଭଗବାନ ନୃତ୍ୟ ମୁଦ୍ରାରେ ଥାଆନ୍ତି । ସେ ଯୁଦ୍ଧ ସମୟରେ ଏହି ନୃତ୍ୟ କରିଥିଲେ। ଏହାକୁ ତାଣ୍ଡବ ନୃତ୍ୟ ବୋଲି ମଧ୍ୟ କହିଥାନ୍ତି । ଏଥିରେ ଭଗବାନଙ୍କ ଜଟା ଖୋଲି ରହିଥାଏ। ତଥା ତାଙ୍କ ମୁଖମଣ୍ଡଳରେ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ।



## ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା



ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ । ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରାଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ଆମେରିକାର ଟାରିଫ ଭୟ

ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଇଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବିଶ୍ୱର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ତାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ତାରିପ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ରଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ରଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ରଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ୍ୟ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧାନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଆମେରିକାର ଶକ୍ତି ହେଲା ହାର ଡଲାର।

# ସୁଖର ସନ୍ଧାନେ


॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥


*ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ ।*

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛି ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୁରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି ।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି ।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟାଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।


ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫


# ଗୁରୁ - ନିର୍ବାଚନ


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା? ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ମାନେ ହିଁ ସଦ୍‌ଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର ।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ୍ୟ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧ୍ୟରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ହୁଏତ ଠିକ୍ ଭାବରେ ବୁଝି ପାରୁ ନାହୁଁ । ତାହା ମଧ୍ୟ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାଙ୍କୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ହିସାବ କରି ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ । କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ୍ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦ୍‌ଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ । ଭଗବାନ୍ ଯୀଶୁ କହିଛନ୍ତି - ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି - କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନ୍‌ରେ ଅଛି ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା - ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦ୍‌ଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।


ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ
ମୋବାଇଲ୍-୯୪୩୭୦୫୧୯୫୭


# ଜୀବନ ଝୁଣୁଛି ତମାଖୁ


॥ ଡାକ୍ତର କାନ୍ତୀ ନାୟକ ॥


ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ତମାଖୁକୁ ଯଥେଷ୍ଟ ଦୂରତାରେ ରଖି ଏହାକୁ ସାଥୀ ନକରିବାର ସଂକଳ୍ପ ପାଇଁ ପ୍ରତିବର୍ଷ ମେ ମାସ ୩୧ ତାରିଖରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ କରାଯାଉଛି । ତମାଖୁର ଭୟାବହତା ଜାଣିବା ଆସନ୍ତୁ । ଧୂମପାନ ହୃଦ୍‌ଘାତର କାରଣ । ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ ହେଉଛି ଧୂମପାନ (୯୦ ପ୍ରତିଶତ)। ଗଲ୍‌ବ୍ଲାଡ଼ର କ୍ୟାନସର, ସର୍ଭିକ୍ସ କ୍ୟାନସର, ଖାଦ୍ୟନଳୀ କ୍ୟାନସର, କିଡ଼୍‌ନୀ, ଅଗ୍ନ୍ୟାଶୟ, ପରିସ୍ରାଥଳି ଓ ସ୍ୱରଯନ୍ତ୍ରରେ କର୍କଟ ହେବାର ଆଶଙ୍କା ସର୍ବାଧିକ। ବିପଦ କେବଳ ସେତିକିରେ ରହିନାହିଁ, ମୁଖ କର୍କଟ, ଗଳା କର୍କଟ ଠାରୁ ପେଟରେ କର୍କଟ ଏପରିକି ଗର୍ଭାଶୟରେ କର୍କଟ ରୋଗ ବି ହୋଇପାରେ । ଧୂମପାନ ଠାରୁ ଦୂରେଇଥିବା ବ୍ୟକ୍ତି ତୁଳନାରେ ନିଶା ଗ୍ରସ୍ତ ଲୋକଙ୍କ ହୃଦ୍‌ଘାତ ହେବାର ଆଶଙ୍କା ଦୁଇରୁ ଚାରିଗୁଣା ଅଧିକ । ସେହିପରି ମହିଳାମାନେ ଧୂମପାନ କଲେ ସେମାନଙ୍କର ପାକସ୍ଥଳୀରେ କର୍କଟ ହେବାର ଆଶଙ୍କା ଅଧିକ ରହୁଛି । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ମହିଳାଙ୍କ କ୍ଷେତ୍ରରେ ପାଖାପାଖି ୭୦ ପ୍ରତିଶତ ପାକସ୍ଥଳୀ କର୍କଟ ହେବାର କାରଣ ହେଉଛି ଏହି ଭୟାବହ ଧୂମପାନ । ମନେରଖନ୍ତୁ ତମାଖୁ ସେବନ ଦ୍ୱାରା ଦାନ୍ତର ସୌନ୍ଦର୍ଯ୍ୟ ସହ ଏହାର ଗଠନ ଶୀଳତା ନଷ୍ଟ ହୋଇଥାଏ, ଯାହାଦ୍ୱାରା କି ଖାଦ୍ୟର ସ୍ୱାଦ ଜାଣିବାର କ୍ଷମତା ହରାଇବା ସହ ଗଳାରୁ ରକ୍ତ ପଡ଼ିବା ସାଙ୍ଗରେ ମୁଖ କର୍କଟ ହେବାର ଆଶଙ୍କା ସର୍ବାଧିକ । ସେହିପରି ଧୂମପାନ ହୃଦ୍‌ସ୍ପନ୍ଦନ ବୃଦ୍ଧି କରି ଉଚ୍ଚରକ୍ତ ଚାପର କାରଣ ହୋଇପାରେ ଏବଂ ହୃଦ୍‌ଘାତର ଆଶଙ୍କା ବଢ଼ାଇଥାଏ । ତମାଖୁ ସେବନ ଦ୍ୱାରା ପାକସ୍ଥଳୀଟି ସାଙ୍ଘାତିକ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଆଉ ଯଦି ପୂର୍ବରୁ ଶ୍ୱାସ ରୋଗଥାଏ ତେବେ ଏହି ସମସ୍ୟା ଜଟିଳ। ସେହିପରି ଧୂମପାନ ବା ତମାଖୁ ସେବନ ଦ୍ୱାରା ଶରୀରର ତ୍ୱଚା ଶୁଖିଲା ହେବା ସଙ୍ଗେ ସଙ୍ଗେ କେତେଙ୍କ କ୍ଷେତ୍ରରେ ହଳଦିଆ ପଡ଼ି ରିଙ୍କିଲ୍ ପଡ଼ିଯାଇପାରେ । ଧୂମପାନ କରିବା ଦ୍ୱାରା ମାଂସପେଶୀକୁ କମ୍ ପରିମାଣର ଅମ୍ଳଜାନ ଓ ରକ୍ତ ଆସିଥାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ମାଂସପେଶୀ ପାଇଁ ସବୁଠାରୁ ବଡ଼ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ବୁଧବାର ୧୨.୩ ୨୦୨୫




୬୧୧।

## ସେବା ବଦଳ ରେ ନିର୍ଯ୍ୟାତନା ପାଇଲେ ବୃଦ୍ଧ ଦମ୍ପତି, ଥାନା ରେ ଅଭିଯୋଗ

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଗ୍ରାମ ର ବାସିନ୍ଦା ଅପର୍ତ୍ତି ସାହୁ ବୟସ ୮୦ ରୁ ଉର୍ଦ୍ଧ, ତାଙ୍କ ଧର୍ମପ୍ତ୍ନୀ ଉଜଳି ସାହୁ ଯିଏ ଜଣେ ପକ୍ଷାଘାତ ରୋଗୀ ଆଉ ଶଯ୍ୟାଶାୟୀ ମାତ୍ର ଦୁଃଖ ର ବିଷୟ ଏହି ବାର୍ଦ୍ଧକ୍ୟ ଦମ୍ପତି ଙ୍କୁ ତାଙ୍କ ବଡ଼ ପୁଅ ଆଉ ବୋହୁ ଘରୁ ତଡ଼ିଦେବା ସହ ଜୀବନ ରୁ ମାରିଦେବାପାଇଁ ଦେଇଛନ୍ତି ଧମକ। ଯାହାକୁ ନେଇକି ୮୦ ବର୍ଷୀୟ ବୃଦ୍ଧ ଅପର୍ତ୍ତି ସାହୁ ଆଜି ନଈଗୁଆଁ ଗ୍ରାମ୍ୟ କମିଟି ସଦସ୍ୟ ଙ୍କ ସାହାଯ୍ୟ ରେ କାକଟପୁର ଥାନା ରେ ପହଞ୍ଚି କରିଛନ୍ତି ଅଭିଯୋଗ ଆଉ ନ୍ୟାୟ ପାଇଁ ମାଗିଛନ୍ତି ସାହାଯ୍ୟ, ସୂଚନା ମୁତାବକ ଅପର୍ତ୍ତି ଙ୍କ ଜ୍ୟୋଷ୍ଠ ପୁଅ ସୁକାନ୍ତ ସାହୁ ଜଣେ ରୋଜଗାରକ୍ଷମ ଚାଷୀ ଆଉ ସାନ ପୁଅ ଜୟକୃଷ୍ଣ ସାହୁ ଅବସରପ୍ରାପ୍ତ ସେନାକର୍ମୀ ମାତ୍ର ନିଜ ପତ୍ନୀଙ୍କ ସହିତ ରହୁଛନ୍ତି ଦୂରରେ। ଘରେ ବୃଦ୍ଧ ବାପା ଆଉ ମା ଯିଏକି ରୋଗାଗ୍ରସ୍ତ ସେମାନଙ୍କୁ ଦେଇଛନ୍ତି ମାନସିକ ଓ ଶାରୀରିକ ଯନ୍ତ୍ରଣା, ଆଜକୁ ଦୀର୍ଘ ୩ ବର୍ଷ ହେବ ବୃଦ୍ଧ ବାପା ମା ଅନେକ ଅସହ୍ୟ ଯନ୍ତ୍ରଣା ସହି ଚାଲିଛନ୍ତି। ଆଉ ନ୍ୟାୟ ପାଇଁ ମାନବାଧିକାର କମିଶନ, ପୁରୀ ପ୍ରଶାସନ କୁ ପୂର୍ବରୁ ଜଣାଇଥିଲେ ବି ଆଜି ପର୍ଯ୍ୟନ୍ତ ସେଥିରେ କୌଣସି ଉପକୃତ ହୋଇନାହାନ୍ତି। ୨ ବୃଦ୍ଧ ଦମ୍ପତି ଯାହା ସରକାରୀ ଭତ୍ତା ପାନ୍ତି ସେଥିରେ ନିଜ ପକ୍ଷାଘାତ ସ୍ତ୍ରୀ ଙ୍କ ଚିକିତ୍ସା କରନ୍ତି ଆଉ ଶେଷ ରେ ଅଭାବ ହେବାରୁ ଅପର୍ତ୍ତି ନିଜ ସ୍ତ୍ରୀଙ୍କ ଚିକିତ୍ସା ପାଇଁ କିଛି ଜମି ବିକ୍ରି କରିଛନ୍ତି ମାତ୍ର ଏତେ ଅଭାବ ଭିତରେ ଯେତେବେଳେ ଜନ୍ମ ଦେଇଥିବା ପୁଅ ମାନଙ୍କୁ ଏହି ସମୟ ରେ ସାହାଯ୍ୟ ମାଗନ୍ତି ସେଠି ସାହାଯ୍ୟ ବଦଳ ରେ ତାଙ୍କୁ ମିଳିଆସଛି ନିର୍ଯ୍ୟାତନା । କିଛି ଦିନ ତଳେ ଏହି ବୃଦ୍ଧ ଦମ୍ପତି ଙ୍କୁ ଘରୁ ମାଡ ମାରି ତଡିଦେବା ପରେ ଏମାନେ ବାର ଦୁଆର ଶୁଣ୍ଢୀପିଣ୍ଡା ହୋଇ ଶେଷ ରେ ନିଜ ଝିଅ ଜ୍ବାଇଁ ଙ୍କ ଘରେ ଆଶ୍ରୟ ନେଇଛନ୍ତି,ପ୍ରତ୍ୟେକ ବାପା ମା ନିଜ ଜନ୍ମକରିଥିବା ପୁଅ ମାନଙ୍କ ପାଖରେ ଏତିକି ଆଶା କରିଥାନ୍ତି କି ବାର୍ଦ୍ଧକ୍ୟ କିମ୍ବା ରୋଗାଗ୍ରସ୍ତ ସମୟ ରେ ଆମ ସନ୍ତାନ ମାନେ ଆମ ଆଶାବାଡ଼ି ସାଜିବେ ମାତ୍ର ଏଠି ଦୃଶ୍ୟ ସମ୍ପୂର୍ଣ୍ଣ ଓଲଟା, ଏହି ବାବଦରେ ଆଜି କାକଟପୁର ଥାନା ରେ ଲିଖିତ ଅଭିଯୋଗ ହୋ ପରେ କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଉମେଶ ସାହୁ ଏହି ଘଟଣା ର ତଦନ୍ତ କରି ବୃଦ୍ଧ ଦମ୍ପତି ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ମତାମତ ଦେଇଛନ୍ତି ।

## ପାଞ୍ଚ ଦଫା ଦାବୀ ନେଇ ଓଡିଶା ସ୍କୁଲ କଲେଜ ର କେତେକ ଶିକ୍ଷକ ଓ କର୍ମଚାରୀ ଛୁଟିରେ

ଆସିକା (ମହାଭାରତ): ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଆଜି ଆସ୍କା ବ୍ଲକ ର ୧୦ ଗୋଟି ବିଦ୍ୟାଳୟ ର ପାଖାପାଖି ୫୦ ଜଣ ଭୁବନେଶ୍ୱର ରେ ଅନୁଷ୍ଠିତ ମହା ସମାବେଶ ରେ ଯୋଗଦେଇଥିବା ସୂଚନା ମିଳିଛି । ଏହି ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନଙ୍କ ଯୋଗ୍ୟ ବିବେଚିତ ବିଦ୍ୟାଳୟ କୁ ଅନୁଦାନ ପ୍ରଦାନ,ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ରେ ନିଯୁକ୍ତି ହୋଇଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଏବଂ ଅବସରକାଳୀନ ଶିକ୍ଷା କର୍ମଚାରୀ ମାନଙ୍କୁ ଓଡିଶା ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁସାରେ ଚାକିରୀ ସର୍ତ୍ତାବଳି, ପେନସନ ଓ ଅବସର କାଳୀନ ସମସ୍ତ ସୁବିଧା ପ୍ରଦାନ,ଅବସର ବୟସସୀମା ୬୦ ରୁ ୬୨ ବୃଦ୍ଧି,ଗ୍ରେଡେସନ ରେ ଆସଙ୍ଗତି ଦୂର କରିବା, ସମସ୍ତ ବିଦ୍ୟାଳୟ କୁ ସରକାର କରିବା,ନୂତନ ପେନସନ ଯୋଜନା ପରିବର୍ତ୍ତେ ପୁରାତନ ପେନସନ ଯୋଜନା କରିବା,ଚୁକ୍ତି ଭିତ୍ତିକ ଶିକ୍ଷକ ମାନଙ୍କୁ ୦୬ ଗୋଟି ନେଶନାଲ ଇନ୍କ୍ରିମେ□ ସହିତ ବରିଷ୍ଠତା ପ୍ରଦାନ ନେଇ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ୧୦ ରୁ ଉର୍ଦ୍ଧ ର ଶିକ୍ଷକ ଏବଂ ଅଣ ଶିକ୍ଷକ ସ୍କୁଲ ରୁ ଛୁଟି ନେଇ ଭୁବନେଶ୍ୱର ଅହୋରାତ୍ର ଗଣଧାରଣା ରେ ଯୋଗ ଦେବାକୁ ଯାଇଥିବା କୁହାଯାଉଛି । ଆଗକୁ ପିଲାମାନଙ୍କ ପରୀକ୍ଷା ଥିବାରୁ ଶିକ୍ଷକ ମାନଙ୍କ ସ୍କୁଲ ରେ ଅନୁପସ୍ଥିତ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଯୋଗାଯୋଗ କାଲେ ମଧ୍ୟ ସମ୍ଭବପର ନଥିଲା । ଆସିକା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ଶିକ୍ଷକ ମାନଙ୍କ ଛୁଟି ମଂଜୁର କରିବା କାର୍ଯ୍ୟ ନାହିଁ ବୋଲି ପ୍ରକାଶ କରିଥିଲେ ।

## ଭାରାସମ୍ୟ ହରାଇ ବାଇକ ଦୁର୍ଘଟଣା ଗ୍ରସ୍ତ ଜଣେ ଗୁରୁତର ଜଣେ ଆହାତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତା ତରାମରା ପଞ୍ଚାୟତ ପତରତୁଳା ଛକ ନିକଟରେ ବାଇକ୍ ଦୁର୍ଘଟଣା ରେ ଜଣେ ଗୁରୁତର ଜଣେ ଆହାତ ଜଣାପଡିଛି। ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଶୋସ ଥାନା ହଦଗଡ଼ ଦଲକି ଗାଁ ର ସୁମା ହୋ ( ୩୭) ଓ ନରସିଂହ ହୋ (୩୮) ଦୁଇ ଜଣ ଯୁବକ କୋଣସି କାମ ରେ କରଞ୍ଜିଆ ଥାନା କାଦଡିହା କୁ ଆସି ଘରକୁ ଫେରିବା ସମୟରେ ଠାକୁରମୁଣ୍ଡା ଥାନା ପତରତୁଳା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପଡିଯାଇଥିଲେ। ଫଳରେ ସୁମା ହୋ ଗୁରୁତର ଆହାତ ହୋଇଥିବାବେଳେ ଅନ୍ୟ ଜଣେ ଆହାତ ଥିବା ଜଣାପଡିଛି । ସ୍ଥାନୀୟ ଲୋକ ଙ୍କ ସାହାୟତା ରେ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ । ତେବେ ଦୁଇ ଜଣ ସମ୍ପର୍କରେ ସଳା ଭେଣେଇ, ଗୁରୁତର ସୁମା କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଖବର ପାଇ ଠାକୁରମୁଣ୍ଡା ପୋଲିସ ବାଇକ୍ ଜବତ କରି ଦୁର୍ଘଟଣା ର ତଦନ୍ତ କରୁଛି।

## ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ସଭାଗୃହ ଠାରେ ଅପରାହ୍ଣ ୪ ଘଟିକା ରେ ଉତ୍କଳ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ କମିଟି ସଭାପତି ସିଦ୍ଧାର୍ଥ ସାରଥୀ କର, ସମ୍ପାଦକ ବେଣୁଧର ବେହେରା,କମିଟି ଉପସଭାପତି ପ୍ରକାଶ ମହାନ୍ତି, ଯୋଡ଼ା ନଗର ସାଂସଦ ପ୍ରତିନିଧି ବିଚିତ୍ରା ନନ୍ଦ ଦାଶ, ଯୋଡ଼ା ନଗର ବିଜେପି ସଭାପତି ପାର୍ଥ ସାରଥୀ ଷଡ଼ଙ୍ଗୀ , ପୂର୍ବତନ ସଭାପତି ସୁଶାନ୍ତ କୁମାର ବେବର୍ତା ଯୋଡ଼ା ନଗର କଂଗ୍ରେସ କମିଟି ସଭାପତି ସୁବ୍ରତ ନାୟକ, ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋରା, ଅନନ୍ତ ଟୁଡୁ, ବରିଷ୍ଠ ନାଗରିକ ଗୋପାଳ ଚନ୍ଦ୍ର ସାହୁ, ପୁରୁଷୋତ୍ତମ ଦାସ, ଗଣେଷ ସାହୁ, ସାରଦା ପ୍ରସାଦ ଆର୍ଚ୍ଚ୍ୟ, ଖିରୋଦ ମହାନ୍ତି, ଦିପକ ମହାପାତ୍ର, , ଉପେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।ପ୍ରଭାତଫେରି ଓ ଉତ୍କଳ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରାଯିବା ଉପରେ ଆଲୋଚନା ହୋଇଥିଲା ।ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା କୁ ନେଇ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା କିପରି ଅନୁଷ୍ଠିତ ହେବ ଏ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

# ଫଗୁ ଦଶମୀରୁ ଶ୍ରୀରଙ୍ଗନାଥ ଙ୍କ ଚ଼ାଚେ଼ରୀବେଶ ୟ



ବାଣପୁର : ( ମହାଭାରତ )ବାଣପୁର ବଡ଼ ଦାଣ୍ଡରେ ମା'ଭଗବତୀଙ୍କ ସହିତ ଆରମ୍ଭ ହେଲା ଅବୀରକ୍ରୀଡ଼ା। ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କପରି ଲୀଳାକ୍ଷେତ୍ର ବାଣପୁରରେ ଆରାଧ୍ୟ ଠାକୁର ବ୍ରହ୍ମ ଶର୍ଶୀ ଶ୍ରୀରଙ୍ଗ ନାଥ ଦେବଙ୍କ ବାରମାସରେ ତେର ବେସ । ଫାଲଗୁନ ଶୁକ୍ଳ ଦଶମୀରୁ ଆରମ୍ଭ ଅବୀରକ୍ରୀଡ଼ାସହିତ ଚ଼ାଚେରୀ ବେଶ । ଏହି ବେଶରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଲାଲପାଟ ସହିତ ଚୂଳ,ନଳୀଭୂଜ, ମକରକୁଣ୍ଡଳ, ଓଡ଼ିଆଣି, ହରିଡ଼ାମାଳ,ତାବିଜ ମାଳ,ତୁଳସୀ, ଗେଣ୍ଡୁଫୁଲ, ଓ ପଳାସଫୁଲ'ର ନାକଚଣା, ଇତ୍ୟାଦିରେ ସୁନ୍ଦର ବେସ କରାଯାଏ। ମା'ଭଗବତୀ କାଠି ଠାକୁରାଣୀଙ୍କ ସହିତ ମିଶି ପ୍ରଭୁ ଦୋଳଗୋବିନ୍ଦ ରୂପରେ ପରିଛାଙ୍କ ଦୁଆରେ ଶଙ୍କୁଡ଼ି ଓ ନିଶଙ୍କୁଡ଼ି ଭୋଗ ବା ଚ଼ାଚେରୀ ଖାଇ ରାଜାଗ୍ରି ପରେ ମନ୍ଦିରକୁ ବାହୁଡ଼ନ୍ତି । ପରିଛାଙ୍କ ଦୁଆରେ ମା' ଭଗବତୀ କାଠିଠାକୁରାଣୀ ଙ୍କ ପାଇଁ ଆମିଷ ଭୋଗ ବଡ଼ା ହେଉଥିଲାବେଳେ ଶ୍ରୀରଙ୍ଗ ନାଥ ଦେବଙ୍କ ପାଇଁନିଶଙ୍କୁଡ଼ି ଭୋଗବଡ଼ା ହୋଇ ଉଭୟଙ୍କୁ ବେଲପତ୍ର ତୁଳସୀ ପଡ଼ି ଭୋଗ ଲାଗି ହେଉଥିବାର ନିଆରା ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି । ଶ୍ରୀକ୍ଷେତ୍ରପରି ବାଣପୁରରେ ଦୁର୍ଗାମାଧବ ଉପାସନାର ପ୍ରତୀକ ଏହି ଚ଼ାଚେ଼ରୀ ବେଶ ଅତ୍ୟନ୍ତ ମନମୁଗ୍ଧକର । ଶ୍ରୀଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ଯାଇ ପ୍ରଭୁଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଯେତିକି ପୂଣ୍ୟ ଅର୍ଜନ କରନ୍ତି,ନଜାଇ ପାରିଲେ ଲୀଳକ୍ଷେତ୍ରକୁ ଆସି ବ୍ରହ୍ମ ଶ୍ୱର୍ଶୀ ଶ୍ରୀରଙ୍ଗନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟଫଳ ମିଳେ ବୋଲି ବିଶ୍ୱାସ ଅଛି । ଯବନମାନଙ୍କ ଆକ୍ରମଣ କାଳରେ ଶ୍ରୀଜଗନ୍ନାଥ ସାତସାତଥର ଆସିବାଣପୁରରେ ଗୋପନଲୀଳା ପ୍ରକଟ କରିଥିବାର କଥା ମାଦଳାପାଞ୍ଜିରେ ଉଲ୍ଲିଖିତ ଅଛି । କେତେବେଳେ ସ୍ଦେହରେ ତ କେତେବେଳେ କଳେବରରୁ କେବଳ ବ୍ରହ୍ମଙ୍କୁ ଆଣିବାଣପୁରର ଘଞ୍ଚ ବନାନୀରେ ବିଜେ କରାଯାଇ ନିତ୍ୟ ସେବା କରାଯାଉଥିଲା।ନାଏବ ସୁବେଦାରଅହମ୍ମଦ ବେଗ୍ ଶ୍ରୀମନ୍ଦିରକୁ ଆକ୍ରମଣ କାଳରେ ସେବକମାନେ କେବଳ ବ୍ରହ୍ମଙ୍କୁ ପାଟବସ୍ତ୍ର ଦେହରେ ଆଛାଦିତ କରି ଆଣି ବାଣପୁରର ଅନ୍ଧାରି ମହିମଠାରେ ପାହାଡ଼ ଖୋଲରେ ରଖି ସେବାପୂଜା କରୁଥିଲେ। ପରବର୍ତ୍ତୀକାଳରେ ବଙ୍କାଡ଼ଗଡ଼ ରାଜାଙ୍କ ଅନୁରୋଧକ୍ରମେ ଗଜପତି ମହାରାଜା ଚ଼ତୁର୍ଦ୍ଧାମୂର୍ତ୍ତି କରାଇ ବ୍ରହ୍ମଙ୍କୁ ସ୍ଥାପନ କରି ଅସ୍ଥାୟୀ କାଷ୍ଠମଣ୍ଡପରେ ବିଜେ କରାଯାଇ ଦୈନନ୍ଦିନ ସେବାପୂଜା କରାଗଲା । ନାଏବେ ସୁବେଦାର ରଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପରେ ଶ୍ରୀଜୀଉଙ୍କ ଠାରୁ ବ୍ରହ୍ମ ଓଲାଗି କରି ଶ୍ରୀକ୍ଷେତ୍ର ନେଇ ନବକଳେବର ପରେ ନୀଳାଦ୍ରୀବିଜେ କରାଯାଇଥିବା କଥା ଗବେଷକମାନେ ମତ ଦିଅନ୍ତି। ବାଣପୁରର ସେହି ଅନ୍ଧାରି ଅରଣ୍ୟରେ ଯେଉଁ ବିଗ୍ରହ ଗଢ଼ା ହୋଇଥିଲେ ପରବର୍ତ୍ତୀକାଳରେ, ବ୍ରହ୍ମଶୂନ୍ୟ ହୋଇ ସେଠାରେ ପଡ଼ିରହିଲେ। ଶେଷରେ ବାଣପୁର ରାଜା ବିଗ୍ରହମାନଙ୍କୁ ଉଦ୍ଧାର କରିଆଣି ନିଳାଦ୍ରୀ ପ୍ରସାଦ,ଠାରେ ପରେ ପରେ ବାଣପୁରଠାରେ ଆଣି ବିଜେ କରାଇ ନୀତିକାନ୍ତି ସେବାପୂଜା ପାଇଁ ନିଯୋଗୀ ସେବାୟତ ଓ ଜମିବାଡ଼ି ଖଞ୍ଜା କରି ପରିସ୍ଥିତିରେ ପଡ଼ି କୃଷ୍ଣପ୍ରସାଦଗଡ଼କୁ ଚାଲିଯିବା କଥା ଗବେଷଣାରୁ ଜଣା ପଡେ । ଏହି ସେହି ବ୍ରହ୍ମସ୍ୱର୍ଶୀ ଶ୍ରୀଜଗନ୍ନାଥ ବାଣପୁରରେ ଶ୍ରୀରଙ୍ଗ ନାଥ ନାମରେ ପରିଚିତ,ସତ୍ୟ ଆଉ ବିଶ୍ୱାସରଠାକୁର ଏହି ସେହି ଠାକୁର ଯାହାଙ୍କ ନାମ ଧରିଲେ ସତକଥା ବାହାରିପଡ଼େ। ଶ୍ରୀଜିଉଙ୍କଆଜି ଏକାଦଶୀ ତିଥିରେ ମଙ୍ଗଳ ଆଳତୀ, ଅବକାଶ, ପରେ ବଲ୍ଲଭ ଧୂପପରେ ଏହି ଚ଼ଚେରୀବେଶ କରାଯାଇଥିଲା । ଶ୍ରୀଜୀଉଙ୍କ ସିଂହାରୀ ସେବକ ଚନ୍ଦ୍ରଶେଖର ହୋତା, ଏବଂ ମନ୍ଦିର କମିଟି ସହଯୋଗରେ ଏହି ବେଶ କରାଯାଇଛି।

## ଜେ ଏସ ଡବ୍ଲୁ ଓଡିଶା ରେ ଯୋଡି ହେଲା ଆଉ ଏକ ଗୌରବମୟ ଅଧ୍ୟାୟ



ପାରାଦ୍ୱୀପ(ମହାଭାରତ): ଜେ ଏସ ଡ ବ୍ଲୁ ଗ୍ରୁପ ନିଜର କାର୍ଯ୍ୟ ଦକ୍ଷତା,ବୃହତ ପୁଞ୍ଜି ନିବେଶ,ଓ ବୈଷୟିକ ଜ୍ଞାନ କୌଶଳ ସହାୟତା ପାଇଁ ଦେଶର ଶିଳ୍ପ ଜଗତରେ ଉତ୍କର୍ଷତାର ଆଗଧାଡିରେ ରହିଛି। ଏହି କମ୍ପାନୀ ଓଡ଼ିଶାରେ ଇସ୍ପାତ, ସିମେଣ୍ଟ, ଶକ୍ତି, ଖଣି, ଓ ଭିତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧି ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି।ଏଥି ସହିତ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାବଲମ୍ବୀ କରିବାରେ ପ୍ରୟାସ ଜାରି ରଖିଛି। ଓଡିଶା ପ୍ରତି ଜେ ଏସ ଡ ବ୍ଲୁ ର ଏହି ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରି ଜେଏସଡବ୍ଲୁ ବିଏସଏଲ ଓ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ର ପୂର୍ଣ୍ଣ କାଳୀନ ନିର୍ଦ୍ଦେଶକ ତଥା ସଭାପତି ଶ୍ରୀ ଅନିଲ ସିଂ ଙ୍କୁ ସମ୍ମାନଜନକ ଶ୍ରେଷ୍ଠ ସି ଇ ଓ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ୩ୟ ଓଡିଶା ଖଣି ଓ ଭିତିଭୂମି ଅନ୍ୟର୍ଜାତୀୟ ସମିଳନୀରେ ମହାମହିମ ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପତି ଯୋଗଦେଇ ଶ୍ରୀ ଅନିଲ ସିଂ ଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟର ଅବସର ପ୍ରାପ୍ତ ବିଚାରପତି ଅର୍ଜିତ ପଶାୟତ ଙ୍କ ଅଧକ୍ଷତରେ ଗଠିତ ଏକ କମିଟି ରେ ନାଲକୋର ପୂର୍ବତନ ସି ଏମ ଡି ଟି କେ ଚାନ୍ଦ, ଓ ଜଣେ ଶିଳ୍ପ ବିଶେଷଜ୍ଞ ଏହି ସମ୍ମାନଜନକ ପୁରସ୍କାରକୁ ଚୟନ କରିଥିଲେ। ଜେ ଏସ ଡ ବ୍ଲୁ ଗ୍ରୁପ ବଜ଼ାରରେ ୨୪ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବିନିଯୋଗ କରିଥିବା ବେଳେ ଇସ୍ପାତ, ସିମେଣ୍ଟ, ପେଣ୍ଟ, ବି ଟୁ ବି, ଇ କମର୍ଶ, ପ୍ରତିରକ୍ଷା, ଗ୍ରୀନ ମୋବିଲିଟି, ଏବଂ କ୍ରୀଡା କ୍ଷେତ୍ରରେ ଅବଦାନ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି ।ଏଥି ସହିତ ଭାରତ ବାହାରେ ଆମେରିକା, ୟୁରୋପ, ଆଫ୍ରିକା ଭଳି ଦେଶରେ ବ୍ୟପକ କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ସାରା ବିଶ୍ୱରେ ୪୦ ହଜାର ଲୋକଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରି ପାରିଛି। ଏହି ସମ୍ମାନଜନକ ପୁରସ୍କାର ପାଇଁ ଶ୍ରୀ ଅନିଲ ସିଂ ଙ୍କୁ ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣା ଯାଇଛି।

## ୧୦ ନମ୍ବର ଜୋନର ଏକ ବିଶାଳ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ



ଟାଙ୍ଗୀ(ମହାଭାରତ): ଗତ କାଲି ରବିବାର ଦିନ ଖୋରଧା ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଜୟ ମଙ୍ଗଳ ପୁର କୋଚିଲା ସ୍ଥିତ ମା ବଘେଇ ଠାକୁରାଣୀ ଙ୍କ ପୀଠରେ ।୧୦ ନମ୍ବର ଜୋନର ଏକ ବିଶାଳ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇ ଯାଇଅଛି। ୧୦ ନମ୍ବର ଜୋନ ଅନ୍ତର୍ଗତ ୬ ଗୋଟି ପଞ୍ଚାୟତରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅତ୍ୟନ୍ତ ଉତ୍ସାହ,ଉଦ୍ଦିପନାର ସହ ଉକ୍ତ ସମାବେଶରେ ଯୋଗ ଦେଇଥିଲେ। ଏଥିରେ ଯୁବ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଭୁଷଣ ଛୋଟରାୟ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧୀ କାର୍ଯ୍ୟ କଳାପ ଉପରେ ମତବ୍ୟକ୍ତ କରିବା ସହ କଂଗ୍ରେସ ହିଁ ଆଗାମୀ ଦିନରେ ଏକ ମାତ୍ର ବିକଳ୍ପ ବୋଲି ନିଜ ଅଭିଭାଷଣରେ ମତ ରଖିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ତଥା ଖୋରଧା ଜିଲ୍ଲା କଂଗ୍ରେସ ମିଡିଆ ସେଲର ଅଧକ୍ଷ ଅମିତ ମହାନ୍ତି କଂଗ୍ରେସ ବିଚାରଧାରା ଉପରେ ନିଜର ମତବ୍ୟକ୍ତ କରିବା ଦେଶ ପାଇଁ କଂଗ୍ରେସର ଅବଦାନ ଓ ଡବଲ ଇଞ୍ଜିନ ସରକାରଙ୍କ ସମୟରେ ଦରଦାମ ବୃଦ୍ଧି,ବେରୋଜଗାର,ବିପର୍ଯ୍ୟୟ ଆଇନ ଶୃଙ୍ଖଳା ପରିସ୍ଥିତି ବିଜେପି ଦ୍ୱାରା ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ଭଳି ପ୍ରମୁଖ ଘଟଣାବଳୀ ଉପରେ ନିଜର ଅଭିଭାଷଣ ରଖିଥିଲେ। ଉକ୍ତ ସମାବେଶରେ ଅନେକ ଯୁବକ କଂଗ୍ରେସ ବିଚାରଧାରାରେ ନିଜକୁ ସାମିଲ କରି ଯୋଗ ଦେଇଥିବାର ଦେଖାଯାଇଥିଲା। କଂଗ୍ରେସ ଦଳର ଅବଦାନକୁ ଘରେ ଘରେ ପହ□ଇବା ସହ ତୃଣମୂଳ ସ୍ତରରୁ କଂଗ୍ରେସକୁ ସୁଦୃଢ କରିବା ନିମନ୍ତେ ସଂକଳ୍ପ ନେଇଥିଲେ,ପରିଶେଷରେ ଟାଙ୍ଗୀ ବ୍ଲକ ସଭାପତି ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବଂଶୀଧର ପ୍ରଧାନ,ବିକାଶ ନାୟକ,ବାପି ପଟ୍ଟନାୟକ,ସଞ୍ଜୟ ସ୍ୱାଇଁ,ବିଭୁତି ମହାପାତ୍ର,ବୁଲୁ ରାଉତ,ପ୍ରଦୀପ ବେହେରା ଓ ପାଣ୍ଡବ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହିଥିଲେ।

## ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପୁନର୍ବାର ପାରାଦୀପ ବନ୍ଦର ର ରେକର୍ଡ

ପାରାଦୀପ(ମହାଭାରତ): ପଣ୍ୟ ପରିଚାଳନା ଓ କାରବାର କ୍ଷେତ୍ରରେ ଦେଶର ଏକ ନମ୍ବର ବୃହତ ବନ୍ଦର ପାରାଦୀପ ବନ୍ଦର ପ୍ରାଧିକାରଣ ତାର ଆନୁସଙ୍ଗିକ ବ୍ୟବସ୍ଥା ଯୋଗୁଁ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ସ୍ଥାପନ କରି ଚାଲିଛି ।ତେବେ ଗତ ମାର୍ଚ୍ଚ ୧୦ ତାରିଖରେ ଗୋଟିଏ ଦିନରେ ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପାରାଦୀପ ବନ୍ଦର ଗତ ଜାନୁଆରୀ ୧୬ ତାରିଖରେ ତାର ପୂର୍ବ ରେକର୍ଡ ୪୫ ରେକ ଖଲାସ ର ରେକର୍ଡ କୁ ଅତିକ୍ରମ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଛି ।ଏହି ସଫଳତା ହାସଲ ପାରାଦୀପ ବନ୍ଦରର ପ୍ରତିବଦ୍ଧତା କୁ ଦର୍ଶାଉଛି ।

## ଜଙ୍ଗଲରୁ ପଳାଇ ଆସିଥିବା ଏକ ହରିଣ ଉଦ୍ଧାର

ଗଁଦିଆ,(ମହାଭାରତ) : ଆଜି ଜଙ୍ଗଲ ମଧ୍ୟରୁ ଜନ ବସତି ମଧ୍ୟକୁ ପଳାଇ ଆସିଥିବା ଏକ ହରିଣକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାଯାଏ ଯେ ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ରେଞ୍ଜ ଅଧୀନ ଖଙ୍କିରା ସେକ୍ସନରେ ଥିବା ଖଙ୍କିରା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ୭ବର୍ଷର ଏକ ହରିଣ ବାଟ ବଣା ହୋଇ ଆଜି ଉକ୍ତ ଖଙ୍କିରା ଗ୍ରାମ ମଧ୍ୟକୁ ଚାଲି ଆସିଥିଲା ଓ ଗ୍ରାମର କିଛି କୁକୁର ତାକୁ କାମୁଡି ଗୋଡ଼ାଇ ତଡୁଥିଲା ସମୟରେ ଗ୍ରାମ ବାସି ମାନେ ପ୍ରଥମେ କୁକୁରଙ୍କ ଠାରୁ ଉଦ୍ଧାର କରି ବନ ବିଭାଗ କୁ ଖବର ଦେଇଥିଲେ ଖବର ପାଇ ଖଙ୍କିରା ବନପାଳ ମନୋଜ କୁମାର ବେହେରା ଙ୍କ ସମେତ ଅନ୍ୟ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ଉକ୍ତ ହରିଣ କୁ ଉଦ୍ଧାର କରି ପ୍ରଥମେ ତାକୁ ପ୍ରାଥମିକ ଚିକିତ୍ସା କରି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ କପିଳାସ ଅଭୟାରଣ୍ୟର ଘୋର ଘୋରି ଅଂଚଳ ଜଙ୍ଗଲ ମଧ୍ୟରେ ଛାଡି ଥିଲେ।

## ବନ୍ଧୁକ ଦେଖାଇ ଆରୋଗ୍ୟ କେନ୍ଦ୍ର ରୁ ସି ଏଚ ଓ ଙ୍କ ଠାରୁ ସୁନା ଚେନ ଲୁଟ

କରଞ୍ଜିଆ,(ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି, ଯୋଡିବିଲ ଠାରେ ଥିବା ଆୟୁଷମାନ ଆରୋଗ୍ୟ କେନ୍ଦ୍ର ରୁ ମଙ୍ଗଳବାର ଦିନ ଜଣେ କାର୍ଯ୍ୟରତ ସି ଏଚ ଓ ( କମ୍ୟୁନିଟି ହେଲଥ ଅଫିସର) ଙ୍କୁ ଜଣେ ଦୁର୍ବୃତ୍ତ ନନ୍ଧୁକ ଦେଖାଇ ଭୟଭୀତ କରି ସେ ବେକ ରେ ପିନ୍ଧିଥିବା ସୁନା ଚେନ କୁ ଲୁଟି ଫେରାର ହୋଇ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦୁଜିଆଣି ଆୟୁଷମାନ ଆରୋଗ୍ୟ କେନ୍ଦ୍ର ର ସିଏଚଓ ଥିବା ବେଳେ ଦିନ ପ୍ରାୟ ୧୧ ଟା ବସମୟରେ ଜଣେ ଯୁବକ ବାଇକ ଯୋଗେ ଆସି ତାଙ୍କୁ ପେନ କ୍ଲିୟର ଇଂଜେକସନ ମାଗିଥିଲେ।ଏହି ସମୟ ଭିତରେ ଦୁର୍ବୃ□ ଜଣକ ଟେବୁଲରେ ଥିବା ସିଏଚଓ ଙ୍କ ମୋବାଇଲ କୁ ନେଇ ଯାଇ ତାଙ୍କୁ ବନ୍ଧୁକ ଓ ଛୁରୀ ବାହାର କରି ଭୟଭୀତ କରାଇ ତାଙ୍କ ବେକରେ ପିନ୍ଧିଥିବା ସୁନା ଚେନ କୁ ଦେବାକୁ କହିଥିଲା।

# ଛତିଆ ରାଜଦୋଳ ହସ୍ତଶିଳ୍ପ, ପୁସ୍ତକ ମେଳା ଓ ରାଧାକୃଷ୍ଣ ମିଳନ ଉଦଯାପିତ

## ୪୦ରୁ ଉର୍ଦ୍ଧ ରାଧାକୃଷ୍ଣ ବିମାନ ଯୋଗଦେଲେ

ବଡ଼ଚଣା (ମହାଭାରତ ): ଛତିଆ ପ୍ରସିଦ୍ଧ ରାଜଦୋଳ ମିଳନ ଅବସରରେ ହସ୍ତଶିଳ୍ପ ପଦର୍ଶନୀ, ପୁସ୍ତକ ମେଳା, ପଲିଶ୍ରୀ ମେଳା ୬ତାରିଖ ରୁ ଆରମ୍ଭ ହୋଇ ୧୦ତାରିଖ ସନ୍ଧ୍ୟା ରେ ଉଦଯାପିତ ହୋଇଯାଇଛି। ୧୧ତାରିଖ ମଙ୍ଗଳବାର ସକାଳୁ ସକାଳୁ ଛତିଆ ରାଧା କୃଷ୍ଣ ମିଳନ ଅନୁଷ୍ଠିତ ହୋଇ ଆଖ ପାଖ ଅ□ଳ ର ୪୦ରୁ ଉର୍ଦ୍ଧ ରାଧା କୃଷ୍ଣ ବିମାନ ଯୋଗଦେଇ ଭୋଗ ଖାଇ ସାରିବା ପରେ ବିଦାୟ ନେଇଛନ୍ତି। ୧୦ତାରିଖ ସନ୍ଧ୍ୟାରେ ହସ୍ତଶିଳ୍ପ ପଦର୍ଶନୀ ପଡିଆରେ ଉଦଯାପନୀ ମ□ରେ ପ୍ରସିଦ୍ଧ ବଙ୍ଗଳା ଗାୟିକା ଶର୍ମିଷ୍ଠା ସରକାର ଙ୍କ ଗୀତରେ ସମଗ୍ର ପଡିଆ ଦର୍ଶକଙ୍କ ଦ୍ୱାରା ଭୋରପୁର ହୋଇଯାଇଥିଲା। ଏହି ଅବସରରେ ସମିତି ସଭ୍ୟ ଦୀପକ ସାହୁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଏସଜେପିଏଲ ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ ନାୟକ, କମିଟି ର ଉପଦେଷ୍ଟା ମିହିର ପ୍ରତାପ ଦାସ, ଜିଲ୍ଲା ହସ୍ତଶିଳ୍ପ ବିଭାଗର ଉପ ନିର୍ଦ୍ଦେଶକ ପ୍ରକାଶ ମହାନ୍ତି, ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝା, ସନ୍ତୋଷ ମହାନ୍ତି, ଭବାନୀ ମହାପାତ୍ରପ୍ରମୁଖ ଯୋଗଦେଇ ଗୀତିକାର ଶର୍ମିଷ୍ଠା ସରକାର ଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତଶିଳ୍ପ ପଦର୍ଶନ ରେ ଯୋଗଦେଇଥିବା ୨୦ଟି ଜିଲ୍ଲାର ୧୨୦ଜଣ କାରିଗର ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅମରେଶ୍ୱର ପୀଠ ନିକଟରେ ଆୟୋଜିତ ପୁସ୍ତକ ମେଳା କାଯ୍ୟକ୍ରମର ଉଦଯାପନୀ ଉତ୍ସବରେ ଅତିଥି ଭାବେ



ସୋଲର,ବୈରୀ ପୋଲିସ ଟ୍ରେନିଂ କେନ୍ଦ୍ରର ମୁଖ୍ୟ ଅଶୋକ ଦେହୁରୀ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ମିହିର ପ୍ରତାପ ଦାସ, ଧୀରେନ୍ଦ୍ର ନାଥ, ଭାଗ୍ୟଧର ମଲିକ,ସରପ□ ରମେଶ ପୁଷ୍ଟି, ରଶ୍ମିରଂଜନ ଷେଣ୍ଡ, ତପନ ବେହେରା, ଅରବିନ୍ଦ ଷେଣ୍ଡ, ଅଶୋକ ତ୍ରିପାଠୀ, ଜୟନ୍ତୀ ସ୍ୱାଇଁ, ସଞ୍ଜୟ ବେହେରା, ପ୍ରତାପ ସାହୁ, ଶ୍ରୀକାନ୍ତ ପ୍ରହରାଜ ପ୍ରମୁଖ ଯୋଗଦେଇ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ରୁ ଆସିଥିବା ପୁସ୍ତକ ବିକ୍ରେତା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୧ତାରିଖ ମଙ୍ଗଳବାର ସକାଳୁ ଛତିଆ ରାଧାକୃଷ୍ଣ ମିଳନ ଅନୁଷ୍ଠିତ ହୋଇଥିଲା ଏଥିରେ ବଡ଼ଚଣା, ମହାଙ୍ଗା ଓ ଟାଙ୍ଗୀ ଅଞ୍ଚଳ ର ୪୦ରୁ ଉର୍ଦ୍ଧ ବିମାନ ଯୋଗଦେଇଥିଲେ। ଏଥିରେ ନହରା ଶ୍ରୀ ଶ୍ରୀ ରାଧାକୃଷ୍ଣ ବିମାନ ଥାନପତି ରୂପେ ଆସନ ଅଳକୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈରୀ, ସମସର ପୁର, ଠେଙ୍ଗଡ଼, ଦଶରାଜପୁର, ସୋଲର, ନେଳିଆ, ଅମୀୟ ଝରି, ବନ୍ଧାଳ, ଉପୁଳା, କୁକୁଡ଼ାଙ୍ଗ, ପଟଣା, ଭେଡା, ସାବୋ, ରାମପୁର ଓ ଶଶୀଳ ଆଦି ଗ୍ରାମର ବିମାନ ମାନେ ଘଣ୍ଟ କୀର୍ତ୍ତନ ଓ ରୋଷଣୀ କରି ଆସିଥିଲେ। ଏହି ଅବସରରେ ଅତିଥି ଭାବେ ବୈରୀ ଥାନ ଅଧିକାରୀ ଶରତ କୁମାର ନାୟକ ଯୋଗଦେଇ ପ୍ରଥମ ଠାକୁର ଙ୍କୁ ଭୋଗ ଲଗାଇ ବିଦା କରିବା ପରେ ଅନୁଷ୍ଠାନ ର କର୍ମକର୍ତା ମାନେ ଅନ୍ୟ ସମସ୍ତ ଠାକୁର ମାନଙ୍କୁ ଭୋଗ ଲଗାଇ ବିଦାୟ କରିଥିଲେ। ବଡ଼ଚଣା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ଡ଼ ଜଗନ୍ନାଥ ଦାସ ଙ୍କ ୧୧୫ତମ ଜନ୍ମ ଜୟନ୍ତୀ ଅବସରରେ ପ୍ରତି ବର୍ଷ ପରି ଚଳିତ ବର୍ଷ ବିମାନ ଗୁଡିକ ମେଳଣ ପଡିଆ ରୁ ବିଦାୟ ହେବା ପରେ ଡ଼ାକ୍ତର ଜଗନ୍ନାଥ ଦାସଙ୍କ ଭବନକୁ ଯାଇ ସେଠାରେ ମଧ୍ୟ ଭୋଗ ଓ ବିଦାକି ନେଇ ପ୍ରସ୍ଥାନ କରିଥିଲେ ।ସମସ୍ତ ବିମାନ ଆଣିଥିବା ଭକ୍ତ ଓ ରାଧାକୃଷ୍ଣ ମିଳନ ଦେଖିବାକୁ ଆସିଥିବା ସମସ୍ତ ଭକ୍ତ ମାନଙ୍କ ପାଇଁ ମଧ୍ୟ ପ୍ରସାଦ ସେବନର ବେସ୍ତା କରାଯାଇଥିଲା ।ଚଳିତ ବର୍ଷ ଛତିଆ ରାଜଦୋଳ ମିଳନ ଉତ୍ସବ ଓ ରାଧାକୃଷ୍ଣ ମିଳନ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଛି। ବୈରୀ ଥାନ ପୋଲିସ ପକ୍ଷରୁ ୬ଦିନ ଯାକ ଜାଗ୍ରତ ରହି ଏଠାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ



ନବରଙ୍ଗପୁର (ମହାଭାରତ); ଆଜି ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର ଭାବେ ତପନ କୁମାର ଖୁଣ୍ଟିଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି, ଶ୍ରୀ ଖୁଣ୍ଟିଆ ଏହା ପୂର୍ବରୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସମ୍ବଲପୁର ଠାରେ କାର୍ଯ୍ୟରତ ଥିଲେ । ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଅଧିକାରୀ ଙ୍କ ସହଯୋଗ କାମନା କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନା କୁ ଜନସାଧାରଣ ପାଖକୁ ପହଁଞ୍ଚିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସମସ୍ତ ପଦାଧିକାରୀ କର୍ମଚାରୀ ଶ୍ରୀ ଖୁଣ୍ଟିଆ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଡେପୁଟି କଲେକ୍ଟର ପି ମନସ୍ମିତା, ଗୀତାଞ୍ଜଳି ବେହେରା , ଚୈନୁ ଗଣ୍ଡ, ସୁବ୍ରତ ବେହେରା, ସହକାରୀ କଲେକ୍ଟର ଆଶୁତୋଷ ପାତ୍ର, ବିନାୟକ ଖାଡଙ୍ଗା, ଶିବ ପ୍ରସାଦ ପାଢି,ଅଶ୍ୱିନ କୁମାର ମାଝୀ, ହେମନ୍ତ ଶୌରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ସେକସନ ଅଫିସର, ତ୍ରିପତି ବାଲାଜୀ ସାହୁ, ରାମଚନ୍ଦ୍ର ରଘୁ ମଣ୍ଡଳ, ସତ୍ୟନାରାୟଣ ସାହୁ, ଉଲମ୍ପା ଭତ୍ରା, ଜଗନ୍ନାଥ ମହାପାତ୍ର, ଶିବ କେଶବ ବ୍ରହ୍ମା, ମୀରା ପଣ୍ଡା, ନୀଳକଣ୍ଠ ରାଜୁ, ୟାସର ଅଲ୍ଲୀ, ମୋବିନା ସୁଲତାନା, ଜୋଛନା ଚୌଧୁରୀ, ବିଜୟ ସାହୁ, ସୁରେଶ ପଟ୍ଟନାୟକ, ତୃପ୍ତି ପଟ୍ଟନାୟକ, ଅଜୟ ନାୟକ, ଶୌରଭ ଦାସ, ଗଗନ ବିଶୋଇ ପ୍ରିୟଙ୍କା ପାତ୍ର, ପି ପଦ୍ମା, ପ୍ରଣତି ମାଝୀ, କବିତା ବ୍ରହ୍ମା, ସଂଯୁକ୍ତା ସାହୁ, ହର୍ଷିକ୍ଷ ଜୈନ, ଅଭିନାଶ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ବସୁଧା ଯୋଜନା ଅଚଳ ହୋଇ ପଡ଼ିରହିଛି ମରାମତି ପାଇଁ ଦାବି

କନ୍ଧମାଳ: (ମହାଭାରତ):କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ବଣ୍ଡଗୁଡ଼ା ଗ୍ରାମକୁ ବସୁଧା ଯୋଜନା ମାଧ୍ୟମରେ ଘରକୁ ଘର ପାଇପ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେଇଛନ୍ତି କିନ୍ତୁ ବଣ୍ଡଗୁଡ଼ା ପାତ୍ର ସାହି ବିନ୍ଧାଣୀ ସାହି ବାସୀ ଅଭିଯୋଗ ମୁତାବକ ଘରକୁ ଘର ଦିଆଯାଇଛି ସତ କିନ୍ତୁ ବର୍ତ୍ତମାନ ତାହା କେତେକ ସ୍ଥାନରେ ଅଚଳ ହୋଇ ପଡ଼ିରହିଛି ଦୀର୍ଘ ଦିନରୁ ପାଇପ୍ ବହୁ ଯାଗାରେ ଅଖା ବସ୍ତା ପଶି ଷ୍ଟୋକ୍ ହୋଇ ଯାଇଥିବାରୁ କେତେକ ସ୍ଥାନରେ ପାଣି ପହଞ୍ଚି ପାରୁନଥିବା କହିଛନ୍ତି ବଣ୍ଡଗୁଡ଼ା ସାହି



ର ଲୋକ ପାତ୍ର ସାହି ଏବଂ ବିନ୍ଧାଣୀ ସାହି ଟୋପାଏ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଇଥିବା ଅଭିଯୋଗ କରିଛନ୍ତି ତିନୋଟି ସାହିରେ ୪୦ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠି ପାଣି ସମସ୍ୟା ରହିଛି ଏହି ସାହିରେ ଦୁଇଟି ନଳକୂପ ରହିଛି ସତ କିନ୍ତୁ ସହ ସଫିସେ□ ହୋଇ ପାରୁନି ଏହି ପାଣି ସମସ୍ୟା କୁ ନେଇ ଦୁଇଟି ସାହି ବାସୀ ଦାୟିରେ ଥିବା ଯନ୍ତ୍ରୀଙ୍କୁ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଦୁଇଟି ସାହି ବାସୀ ଅଭିଯୋଗ କରିଛନ୍ତି ଏଠି ପ୍ରଶ୍ନ ଉଠୁଛି ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରି ଅ□ଳ ବିକାଶ ପାଇଁ ବସୁଧା ଯୋଜନା ମାଧ୍ୟମରେ ଘରକୁ ଘର ଜଳ ଯୋଗାଇ ଦେଉଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଙ୍କ ଅବହେଳା ଯୋଗୁଁ ପାଇପ୍ ଥାଇ ମଧ୍ୟ କେତେକ ସ୍ଥାନରେ ଅଚଳ ହୋଇ ପଡ଼ିରହିଛି ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିଭଳି ତୁରନ୍ତ ପାଇପ୍ ଗୁଡ଼ିକ ମରାମତି କରି ସଠିକ ଭାବେ ବଣ୍ଡଗୁଡ଼ା ଦୁଇଟି ସାହିବାସୀ ପାନୀୟ ଜଳ ପାଇ ପାରିବେ ସେଥି ପ୍ରତି ଦୃଷ୍ଟି ଦେବାପାଇଁ ସାହି ବାସୀ ଦାବି କରିଛନ୍ତି।

## ସମବାୟ ବ୍ୟାଙ୍କ ନୀତିକୁ ବିରୋଧ ସମବାୟ ସମିତି ସମ୍ପାଦକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା

ଆସିକା (ମହାଭାରତ): ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୨ବ୍ଲକ ର ମୋଟ ୧୯୨ ଜଣ କାର୍ଯ୍ୟରତ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକମାନେ ଗତ ଅକ୍ଟୋବର ୪ ତାରିଖରୁ ବିଭିନ୍ନ ଦାବି ନେଇ ଆସିକା ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେଇଥିଲେ। ପୁଣି ଜିଲ୍ଲପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରତ ଥିଲେ ପରବର୍ତୀ ସମୟରେ ଗତ ୧୦ଦିନ ହେବ ପୁଣି ଆସିକା ସମବାୟ ବ୍ୟାଙ୍କ ସମ୍ମୁଖରେ ବସିଛନ୍ତି ।ସେମାନଙ୍କ ଅଭିଯୋଗ, ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ସ୍ତରରେ ଉନ୍ନତି ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତଥା କାର୍ଯ୍ୟକ୍ରମ ଗୁଡିକୁ ସ୍ୱଚ୍ଛତା ସହ କମ୍ପ୍ୟୁଟର ମାଧ୍ୟମରେ ସମିତି କର୍ମଚାରୀ ମାନେ ସମ୍ପାଦନ କରୁଛନ୍ତି ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ଅନ୍ୟ କର୍ମଚାରୀଙ୍କ ତୁଳନାରେ ସେମାନଙ୍କୁ ସ୍ୱଳ୍ପ ଦରମା ପ୍ରଦାନ କରୁଛନ୍ତି। ଫଳରେ ସେମାନେ ଦୁର୍ବିସହ ଜୀବନ ଯାପନ କରୁଛନ୍ତି ।ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାରେତୃଣମୂଳସ୍ତରରେ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ରହିଥିବା ବେଳେ ମଧ୍ୟବର୍ତ୍ତୀ ସ୍ତରରେ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଓ ଶୀର୍ଷ ସ୍ତରରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ରହିଛି। କେନ୍ଦ୍ର ସମବାୟ ବ୍ୟାଙ୍କ୍ ଗୁଡିକ ମହାଜନ ସଦୃଶ୍ୟ କାର୍ଯ୍ୟ କରନ୍ତି ଯଥା- ସମିତି ଗୁଡିକ କୃଷକମାନଙ୍କୁ ତତ୍କାଳ ସୁଧ ରିହାତି ତଥା ବିନା ସୁଧରେ ଋଣ ପ୍ରଦାନବେଳେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ୍ ସମିତି ଠାରୁ ସୁଧ ଶୋଷଣ କରନ୍ତି ଏବଂ ସମିତିର ପ୍ରାପ୍ୟ ଗୁଡିକ ପ୍ରଦାନରେ ଅହେତୁକ ବିଳମ୍ବ କରିଥାନ୍ତି। ଏପରିକି କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ୍ୟ ବାଧକ ସାଜନ୍ତି ଓ ସମିତିର କର୍ମଚାରୀମାନଙ୍କୁ ପଦୋନ୍ନତି ଦେବାରେ ଚଳଚୁଳ ନୀତି ଅବଲମ୍ବନ କରନ୍ତି ଓ



ସମିତିର ସମ୍ବଳକୁ (ଅଂଶଧନ ଏବଂ ସୁଧ ସହାୟତା) ବ୍ୟାକ୍ ନିଜ ଇଛା ମୁତାବକ ଶୋଷଣ କରୁଥିବା ଯୋଗୁଁ ବାଧ୍ୟ ହୋଇ ଆନ୍ଦୋଳନ ପ୍ୟା ଗ୍ରହଣ କରିବାକୁ ପଡୁଛି । ଏହାଦ୍ୱାରା କୃଷି ଓ କୃଷକର ଯେଉଁ କ୍ଷତି ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଧାରଣାରେ ବସିଥିବା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ କର୍ମଚାରୀ ସଂଘର ସଭାପତି ଶିବରାମ ମହାଙ୍କୁଡ, ଉପ ସଭାପତି ଅଶୋକ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଏ ସତ୍ୟନାରାୟଣ ରେଡ୍ଡୀ ଅରୁଣ ବେହେରା, କୃଷ୍ଣଚନ୍ଦ୍ର ଗୌଡ଼, ସୁଧାଂଶୁ ବିଷୋୟୀ, ସୋମନାଥ ମଲ୍ଲିକ, ରଞ୍ଜନ କୁମାର ବିଷୋୟୀ, ପ୍ରକାଶ ବାରିକ, ସିମାଞ୍ଚଳ ସାହୁ ଓ ପ୍ରଭାକର ମହାରଣା ସମେତ ବହୁ କର୍ମୀ ଉପସ୍ଥିତ ଅଛନ୍ତି।

## ନିର୍ଦ୍ଦୋଷ ରେ ବାହାରିଲେ ବିଶ୍ୱ

ହାଟଡିହି ଗତ ୨୦୨୪ ମସିହା ଜୁଲାଇ ମାସରେ ୨୫ ତାରିଖ ରେ ନନ୍ଦିପଦା ଥାନା ଅଧୀନରେ ମଠ ଗାଁ ରେ ଏକ ଦୁଷ୍କର୍ମ ଘଟଣା ଘଟିଥିଲା। ଏହି ଦୁଷ୍କର୍ମ ଅଭିଯୋଗ ରେ ନନ୍ଦିପଦା ପୋଲିସ କେଶ ନଂ ୨୪୯/ ୨୪ ରେ ସନ୍ଦେହ ଜନକ ଭାବେ ରେ ବିଶ୍ ଭୂଷଣ ଜେନା ଜେନା ଙ୍କୁ ଅଟକ ରଖି ପଚରାଉଚରା କରି କୋର୍ଟ ଚାଲାଣ କରିଥିଲା। ଯାହା କେନ୍ଦୁଝରର ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟରେ କେଶ ନମ୍ବର ୮୩/ ୨୪ ଅନୁଯାୟୀ ସମସ୍ତ ସାକ୍ଷୀ ଙ୍କ ବୟାନ ଶୁଣିବା ପରେ ମାନ୍ୟବର କେନ୍ଦୁଝର ପୋସ୍କୋ କୋର୍ଟ ବିଚାର ପତି ଶ୍ରୀମତୀ ମୋନାଲିସା ମହାନ୍ତି ଗୁରୁ ପୂର୍ଣ୍ଣ ରାଏ ପ୍ରଦାନ କରିଛନ୍ତି ।ସନ୍ଦେହ ଜନକ ଭାବରେ ଅଟକ ଥିବା ବିଶ୍ ଭୂଷଣ ଜେନା ୨୦୨୫ମସିହା ମାର୍ଚ୍ଚ ୧୦ ତାରିଖ ଦିନ ନିର୍ଦ୍ଦୋଷ ରେ ମୁକ୍ତ ହୋଇଛନ୍ତିୟ ଏହି କେଶ୍ କୁ କେନ୍ଦୁଝର ରୁ ସରକାରୀ ଓକିଲ ଗୋଟିଏ ପକ୍ଷ ରଖୁଥିବା ବେଳେ ବିଶ୍ ଭୂଷଣ ଙ୍କ ପକ୍ଷରୁ ବରିଷ୍ଠ ଓକିଲ ଶିଶିର କୁମାର ସେଠୀ ପରିଚାଳନା କରୁଥିଲେୟ ଏହା ଏକ ଉଦ୍ଦେଶ୍ୟ ମୂଳକ ଭାବେ ହୋଇଥିବା ବିଶ୍ ଭୂଷଣ ଙ୍କ ଓକିଲ କହିଛନ୍ତି।

## କରାଟେ ଶିକ୍ଷାକେନ୍ଦ୍ର ଉଦଘାଟନ



ଟିଟିଲାଗଡ (ମହାଭାରତ) ସଇଁତଲା ବ୍ଲକ ଅନ୍ତର୍ଗତ ବୁଢାବାହାଲ ହାଇସ୍କୁଲ ଖେଳ ପଡିଆ ଠାରେ ଗୋଜୁରିଓ କରାଟେ ସ୍କୁଲ ଇଣ୍ଡିଆ ତରଫରୁ ଏକ ଜୋଡୋ କରାଟେ ର ଉଦଘାଟନ ହୋଇଯାଇଛି। ସେନ୍ସର ମଣ୍ଟୁ ନାଗ (ବ୍ଲାକ ବେଲଡ଼ ୨ୟ ଡନ )ଓ ସେନ୍ସର ମୋହନ ନାଏକ (ବ୍ଲାକ ବେଲଡ଼ ୩ୟ ଡନ )ଉଭୟ ଙ୍କ ପ୍ରତେକ୍ଷ ତ୍ୱାବଧାନରେ ଉକ୍ତ ଜୋଡୋ କରାଟେ ପରିଚାଳନା ହେବବୋଲି ସୂଚନା ଦିଆଯାଇଛି । ଅଞ୍ଚଳରୁ ଛାତ୍ରଛାତ୍ରୀ ଓ ଯୁବପିଢ଼ି ପ୍ରଶିକ୍ଷଣ ପ୍ରାପ୍ତ କରି ସେମାନଙ୍କର ଦୈନନ୍ଦିନ ଜୀବନରେ ଲାଭବାନ ହୋଇପାରିବ ବୋଲି ପ୍ରଶିକ୍ଷଣ ପ୍ରକାର କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବୁଢାବାହାଲ ସରପ□ ଲତା କୁମ୍ଭାର ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ତଥା ସମାଜ ସେବି କପିଳ ଭୋଇ ଯୋଗଦେଇ ଉଦଘାଟନ କାର୍ଯ୍ୟ ସମ୍ପାଦନ କରିଥିଲେ । ବିଶିଷ୍ଟ ସମାଜ ସେବି ତଥା କବିରାଜ ସୁରେନ୍ଦ୍ର ଭୋଇ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବାବେଳେ କବିରାଜ ଜଗଦୀଶ ସାହୁ, ବହିଚନ୍ଦ୍ର ପୁଟେଲ, କାଳିଆ ପୁଟେଲ, ଲିଙ୍ଗ ନାଗ,ସମେତେ ଶତାଧିକ ଛାତ୍ରଛାତ୍ରୀ ଯୁବକ ପିଢ଼ି ଉପସ୍ଥିତ ଥିଲେ । ଏହି କାର୍ଯ୍ୟ କୁ ବିଶିଷ୍ଟ ସାମରିକ ବିଦ ସିଂହାନ ଅଶୋକ କୁମାର ନାଗ ପ୍ରଶଂସା ସହିତ ଅଭିନନ୍ଦନ ଜଣେଇ ଥିଲେ।

## ମାନପୁରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ



ଦାନଗଦୀ :(ମହାଭାରତ) ଦାନଗଦି ବ୍ଲକ ମାନଗୋବିନ୍ଦପୁର ଗାଁ ରେ ଗୌରାଙ୍ଗମହାପ୍ରଭୁ ଙ୍କର ଚତୁର୍ଥ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ହୋଇଥିବା ନାମସଂକ୍ରିତନ ମହାଯଜ୍ଞରେ ଗ୍ରାମବାସୀଙ୍କର ମଙ୍ଗଳ କାମନା ନିମନ୍ତେ ଅଖଣ୍ଡ ହରିନାମ ଜପ ହୋଇଥିଲା,ପ୍ରଥମ ଦିବସରେ କଳସ ଯାତ୍ରା, ଦ୍ୱିତୀୟ ଦିବସରେ ନାମ ସଂକ୍ରିତନ ଓ ନଗରପରିକ୍ରମା ହୋଇ ନାମ ଯଜ୍ଞ ସମାପନ ହୋଇଥିଲା,ଦେହୁରୀ ସାହି କୀର୍ତ୍ତନ ମଣ୍ଡଳୀଙ୍କସହ, କୋଡ଼ପଡା ଗୋଡ଼ ଭଙ୍ଗା, ଗୁଡ଼ିଆଡିହ, ଗଳିଆଛନ୍ଦା, ଧୂଳିଗଡ଼ ଆଖ ପାଖରବହୁକୀର୍ତ୍ତନ ମଣ୍ଡଳୀ ର ହରିଭକ୍ତ ମାନେ ଯୋଗଦେଇ ପ୍ରଭୁଙ୍କର ଅଖଣ୍ଡ ମଧୁର ନାମକୁ ଜପ କରିଥିଲେ, ଏହି ହରିନାମ ମହାମନ୍ତ୍ରକୁ ଶ୍ରବଣ କରିବା ପାଇଁ ସନ୍ଧ୍ୟା ସମୟରେ ଆଖପାଖରୁ ଶହ ଶହ ହରିଭକ୍ତ ପହଁଚିବା ସହ ମହାପ୍ରସାଦ ସେବନ କରିଥିଲେ,ଦୁଇ ଦିନରେ ଶତାଧିକ ରୁ ଉର୍ଦ୍ଧ ଭକ୍ତ ଯୋଗ ଦେଇ ପ୍ରଭୁଙ୍କ କୃପାଲାଭ କରିଥିଲେ। ଏହି ଅଷ୍ଟ ପ୍ରହରୀ ନାମ ଯଜ୍ଞ ମଙ୍ଗୁଳି ନାୟକ, ଦୁର୍ଯ୍ୟୋଧନ ବେହେରା, ମୁନେଶ୍ୱର ନାୟକ, ରମାକାନ୍ତ ଦେହୁରୀ, ମଧୁସୂଦନ ବେହେରା, ମୋହନ ଦେହୁରୀ, ତୋଫାନ ଦେହୁରୀ ଓ ଦେହୁରୀ ସାହିର ସମସ୍ତ ବାସିନ୍ଦାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।

## ପ୍ରତିଭା ଅନ୍ୱେଷଣ କରୁଛି ବିକେ ଫାଉଣ୍ଡେସନ

(ବସ୍ତା/ମହାଭାରତ) ଗ୍ରାମା□ଳରେ ଲୋକାୟିତ ପ୍ରତିଭା ଙ୍କୁ ଚିହ୍ନଟ କରି ସେମାନଙ୍କୁ ଉତ୍ସାହିତ କରିବା ଓ ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ ବିକେ ଫାଉଣ୍ଡେସନ ପକ୍ଷରୁ ସଂଗଠନର ପ୍ରତିଷ୍ଠାତା ତଥା ସହକାରୀ ଶିକ୍ଷକ ବସନ୍ତ କୁମାର ସିଂ ଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ବସ୍ତା ବ୍ଲକ କରୁଆ ପଞ୍ଚାୟତ ବାଗପଞ୍ଚମୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଣିତ, ବିଜ୍ଞାନ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ , ସଂଗୀତ,ନୃତ୍ୟ ସହିତ କ୍ରୀଡା ପ୍ରତିଯୋଗିତା କରି ପ୍ରତିଭା ଅନେ୍ୱଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର



ବିଭିନ୍ନ ବିଦ୍ୟାଳୟରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଜୁନିଅର ଓ ସିନିୟର୍ ବିଭାଗ ରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଂଘା କିସ୍କୁ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନନ୍ଦୀ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଦାମୋଦର ଜେନା , ସମିତି ସଦସ୍ୟା ଙ୍କ ପ୍ରତିନିଧି ହେମନ୍ତ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଅରୁଣ କୁମାର ପାତ୍ର, ଶ୍ରୀଧର ରାଉଳ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ , ଗ୍ରାମା□ଳରେ ଏଭଳି କାର୍ଯ୍ୟକ୍ରମ ଭୂୟସୀ ପ୍ରଶଂସା କରି କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ ୟ ସ୍ଥାନୀୟ ୟଙ୍ଗ ଷ୍ଟାର ଯୁବକ ସଂଘ ଓ ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିବା ବେଳେ, ବିକେ ଫାଉଣ୍ଡେସନ ର ପ୍ରତିଷ୍ଠାତା ଶିକ୍ଷକ ବସନ୍ତ କୁମାର ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗୋଚ୍ଛାପଡ଼ା ପୋଲିସର ଚଢାଉ, ଜବତ କଲା ୩୬୭୫କେଜି ଗଞ୍ଜେଇ

କନ୍ଧମାଳ:(ମହାଭାରତ):ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ମାଡି ବସିଲା ପୋଲିସ। ଜବତ କଲା ୩୬୭୫କେଜି ଗଞ୍ଜେଇ ।ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଞ୍ଚଳରେ। ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶରେ ସୋମବାର ଗୋଚ୍ଛାପଡ଼ା ପୋଲିସ ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ ଥାନା ଇଲାକା ଜଙ୍ଗଲରେ ଚଢଉ କରାଯାଇଥିଲା। ଏହି ସମୟରେ ପୋଲିସ ଚଢାଉ କରି ୩୬୭୫କେଜି ଗଞ୍ଜେଇ ଜବତ କରିଛନ୍ତି । ଗୋଛାପଡ଼ା ପୋଲିସ କଟ୍ରୀଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ବୁଡେନିପାଙ୍ଗା ଜଙ୍ଗଲ କୁଡିଆ ଘରେ ରଖା ଯାଇଥିବା ୧୪୭ ଟି ବସ୍ତା ଗଞ୍ଜେଇ ଚଢ଼ାଉ କରାଯାଇ ପ୍ରାୟ ୩୬୭୫କେଜି ଗଞ୍ଜେଇ ଜବତ ହୋଇଛି । ଘଟଣା ସ୍ଥଳରୁ ଚାରି ଗଞ୍ଜେଇ ମାଫିଆ ଫେରାର୍ ହୋଇଯାଇଛନ୍ତି ।ଏ ନେଇ ୬୮/ ୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ପୋଲିସ। ଏଥି ସହିତ ଗଞ୍ଜେଇ ଚାଷ ନଷ୍ଟ କରିବା ସହ ଚୋରା ଗଞ୍ଜେଇ ମାଫିଆଙ୍କୁ ସାବାଡ କରିବା ପାଇଁ ପୋଲିସ ପ୍ରୟାସ ଚଳାଇଥିବା ଏସପି ହରିଶ ବିଶି କହିଛନ୍ତି।



## ବିପର୍ଯ୍ୟୟ ପ୍ରଶମନ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ସମ୍ପର୍କୀୟ ଜିଲ୍ଲା ସ୍ତରୀୟ କର୍ମଶାଳା

ନବରଙ୍ଗପୁର (ମହାଭାରତ): ଆଜି ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ନବରଙ୍ଗପୁରଙ୍କ ମିଳିତ ସହଯୋଗ ରେ ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛ। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏବଂ ତପନ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଓଏସଡିଏମଏ ର ମହା ପ୍ରବନ୍ଧକ ତାପସ କୁମାର ସେଠୀ ପ୍ରମୁଖ କର୍ମଶାଳା ସଂଚାଳନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଉପବିଭାଗ ର ଡେପୁଟି କଲେକ୍ଟର ଶ୍ରୀମତୀ ଗୀତାଞ୍ଜଳି ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ



ଉପସ୍ଥାପନା କରିଥିଲେ । ଏହାପରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ମହା ପ୍ରବନ୍ଧକ ତାପସ ସେଠୀ ତାଙ୍କ ବକ୍ତବ୍ୟରେ କହିଥିଲେ କି ବିପର୍ଯ୍ୟୟ ପରିଚାଳନା ରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ କୁ ପରିଚାଳନା ପରିସରଭୁକ୍ତ କରାଯାଇଛି । ଏହି ଖସଡା ପ୍ରସ୍ତୁତିର ମୁଖ୍ୟ କାର୍ଯ୍ୟ ହେଉଛି ବିପର୍ଯୟର ପ୍ରଭାବ ଲିଙ୍ଗ ଭିତ୍ତିରେ ସମ୍ବେଦନଶୀଳ ବା ଦୁର୍ବଳ ବର୍ଗଙ୍କ ଉପରେ କେତେ ମାତ୍ରାରେ ରହୁଛି ଏବଂ ପ୍ରଭାବ ଅନୁସାରେ ସେମାନଙ୍କ ପାଇଁ ପରିଚାଳନା ରେ କିଛି ବ୍ୟବସ୍ଥା ରହିଛି କି ନାହିଁ ।ଏଥିପାଇଁ ଗୋଟିଏ ଗ୍ରାମ ପଞ୍ଚାୟତ ରେ କେତେ ମହିଳା, କେତେ ଆସନ୍ନପ୍ରସବା ମହିଳା,କେତେ ତୃତୀୟ ଲିଙ୍ଗୀ,କେତେ ବୃଦ୍ଧ ବୃଦ୍ଧା, ବିଭିନ୍ନ ବୟସର ପୁତ୍ର କନ୍ୟା ସଂଖ୍ୟା, ଛାତ୍ର ଛାତ୍ରୀ ସଂଖ୍ୟା, ପୁରାତନ ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଇତ୍ୟାଦି ବିଭିନ୍ନ ତଥ୍ୟ କୁ ନେଇ ଏକ ତଥ୍ୟ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଏହି ତଥ୍ୟ ଖସଡା କୁ ଆଧାର କରି ବିପର୍ଯ୍ୟୟ ପରିଚାଳନା ପାଇଁ ଭବିଷ୍ୟତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ ଏବଂ ଆଗାମୀ ସମୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ଆବଶ୍ୟକ ଅନୁଯାୟୀ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ରୁ ଆସିଥିବା ଲିଙ୍ଗ ବିଶେଷଜ୍ଞ ଆରଣ୍ୟକ ମିଶ୍ର, ପ୍ରକଳ୍ପ ସଂଯୋଜକ ସୁବୋଧ ନାୟକ ପାୱାର ପଏ□ ମାଧ୍ୟମରେ ସମସ୍ତ ବିଷୟ ରେ ଦଳଗତ ଆଲୋଚନା କରିଥିଲେ ।ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀ କାଳୀନ ବିଭାଗ ର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ମଳୟ ତ୍ରିପାଠୀ, ଅତିରିକ୍ତ ବନ୍ୟ ସଂରକ୍ଷକ ସୁବାଷ ଚନ୍ଦ୍ର ଖୁଣ୍ଟିଆ, ଡେପୁଟି କଲେକ୍ଟର ଚୈନୁ ଗଣ୍ଡ, ସମୀର କୁମାର ପାତ୍ର, ଉପ ବିଭାଗୀୟ ଅଧିକାରୀ ଜରୁରୀ କାଳୀନ ତ୍ରିପତି ବାଲାଜୀ ସାହୁ, ଫକିର ଚରଣ ରାଉତ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସ୍ୱେଚ୍ଛାସେବୀ ସଂଗଠନ ର ପ୍ରଭଞ୍ଜନ ମିଶ୍ର, ସୁବ୍ରତ ମିଶ୍ର, ଜିଲ୍ଲା ଅଗ୍ନିସମ ଅଧିକାରୀ ଦେବୀ ପ୍ରସାଦ ଦାସ, ଅତିରିକ୍ତ ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ଡଃ ପ୍ରଶାନ୍ତ କୁମାର ସାମଲ, ସହ ବିଭାଗୀୟ ପଦାଧିକାରୀ, ସ୍ୱାସ୍ଥ୍ୟ , ଶିକ୍ଷା, ବିଭାଗ ର କର୍ମଚାରୀ, ମିଶନ ଶକ୍ତିର ସଦସ୍ୟା ଉପସ୍ଥିତ ଥିବାବେଳେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ର ନୀଳକଣ୍ଠ ରାଜୁ, ଗଗନ ବିଶୋୟୀ, ମୋବିନା ସୁଲତାନ, ଅଭିନାଶ ପାତ୍ର, ରାମକୃଷ୍ଣ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ‘ପ୍ରଧାନମନ୍ତ୍ରୀଙ୍କ ବଚନରେ ଓଜନ ନାହିଁ, ଦିଲ୍ଲୀ ମହିଳାଙ୍କୁ ଠକିଛି ବିଜେପି ସରକାର’

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** କହିଥିଲେ ନିର୍ବାଚନ ପରେ ମହିଳାଙ୍କ ଖାତାକୁ ଯିବ ୨୫୦୦ ଟଙ୍କା, ୫ଶହ ଟଙ୍କାରେ ମିଳିବ ରୋଷେଇ ଗ୍ୟାସ୍ । କିନ୍ତୁ ନିର୍ବାଚନ ଫଳାଫଳ ଆସିବା ଏବଂ ଦିଲ୍ଲୀରେ ବିଜେପି ସରକାର ଗଢିବାକୁ ମାସେ ପାର୍ ହୋଇଗଲାଣି କିନ୍ତୁ କୌଣସି ଗୋଟିଏ ବି ପ୍ରତିଶ୍ରୁତି ପୂରା ହେଲାନି । ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି ସରକାର ଗଠନ ହେବାର ପ୍ରଥମ ଦିନରୁ, ଆମ ଆଦମୀ ପାର୍ଟିର ରେଖା ଗୁପ୍ତା ସରକାରଙ୍କ ପ୍ରତି କଠୋର ମନୋଭାବ ରହିଛି । ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳ ନେତାଙ୍କ ପରେ ଏବେ ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜ ମଧ୍ୟ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଗ୍ୟାରେଣ୍ଟି ଅର୍ଥାତ ମହିଳା ସମୃଦ୍ଧି ଯୋଜନା ଆଜି ଯାଏଁ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଅତି କମରେ ବିଜେପି ହୋଲିରେ ଗରିବ ଲୋକଙ୍କୁ ମାଗଣା ସିଲିଣ୍ଡର ଦେବାର ପ୍ରତିଶ୍ରୁତି ପୂରଣ କରିବା ଉଚିତ । ଦେଶର ପ୍ରଧାନମନ୍ତ୍ରୀଙ୍କ ବଚନ ବହୁତ ଗୁରୁତ୍ୱ ବହନ କରେ । କିନ୍ତୁ ପ୍ରଧାନମନ୍ତ୍ରୀ ଦେଇଥିବା ଗୋଟିଏ ବି ବଚନ ଏବେଯାଏଁ ପୂରା ହୋଇପାରିଲା ନାହିଁ । ପ୍ରଧାନମନ୍ତ୍ରୀ ଦିଲ୍ଲୀର ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ମାର୍ଚ୍ଚ ୮ ତାରିଖ ପୂର୍ବରୁ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୫୦୦ ଟଙ୍କା ଆସିବା ଆରମ୍ଭ ହେବ । ଏବେ ସୁଦ୍ଧା କାହାରି ଆକାଉଣ୍ଟକୁ ଟଙ୍କାଟିଏ ବି ଆସିନାହିଁ । ସୌରଭ ଭରଦ୍ୱାଜ ଆହୁରି କହିଛନ୍ତି, ଦିଲ୍ଲୀର ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱିତୀୟ ଗ୍ୟାରେଣ୍ଟି ଥିଲା ୫୦୦ ଟଙ୍କାରେ ସିଲିଣ୍ଡର ଦେବା। ସେ ଏହା ମଧ୍ୟ କହିଥିଲେ ଯେ ଗରିବମାନଙ୍କୁ ହୋଲି ଏବଂ ଦୀପାବଳିରେ ମାଗଣା ଗ୍ୟାସ ସିଲିଣ୍ଡର ମିଳିବ। ଆଉ ୫ଦିନ ପରେ ହୋଲି ପର୍ବ । ଦୟାକରି ବିଜେପି ସରକାର ଏବେ ହୋଲି ଉପରେ କମିଟି ନବସାନ୍ତୁ । ଆଉ ଏହା ନକୁହନ୍ତୁ କି, ହୋଲିରେ ମାଗଣା ଗ୍ୟାସ୍ ଦେବା କଥା କମିଟି ନିଷ୍ପତ୍ତି ନେବ । ଦିଲ୍ଲୀବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ତାରିଖ ଦେଇଥିଲେ। ଏବେ ପୁଣି କାହିଁକି ତାରିଖ ପରେ ତାରିଖ ଆସୁଛି । ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅତିଶୀ ୯ମାର୍ଚ୍ଚରେ ମହିଳା ସମୃଦ୍ଧି ଯୋଜନାକୁ ନେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ମହିଳା ସମୃଦ୍ଧି ଯୋଜନା ଗ୍ୟାରେଣ୍ଟି କେବଳ ଏକ ସ୍ଲୋଗାନରେ ପରିଣତ ହୋଇଛି । ଟଙ୍କା ଦେବା ନାଁରେ ଦିଲ୍ଲୀ ମହିଳାଙ୍କୁ ଠକାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ମହିଳାଙ୍କୁ ମାର୍ଚ୍ଚ ୮ତାରିଖର ଗ୍ୟାରେଣ୍ଟି ଦେଇ ଭୁଲିଯାଇଛନ୍ତି ।




# ଟ୍ରମ୍ପଙ୍କ ଟାରିଫ୍ ଭାରତୀୟ ଔଷଧ କମ୍ପାନୀ ଉପରେ ପକାଇ ପାରେ ଗମ୍ଭୀର ପ୍ରଭାବ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ଔଷଧ ଆମଦାନୀ ଉପରେ ବର୍ଦ୍ଧିତ ଶୁଳ୍କ ଭାରତୀୟ ଔଷଧ ନିର୍ମାତାମାନଙ୍କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ’ କାରଣ ଏହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିବ, ଯାହା ଫଳରେ ଅନ୍ୟ ଦେଶର ଉତ୍ପାଦ ତୁଳନାରେ ରପ୍ତାନୀ କମ୍ ପ୍ରତିଯୋଗିତାମୂଳକ ହେବ । କମ୍ ମର୍ଜିନରେ କାମ କରୁଥିବା ଛୋଟ ଔଷଧ କମ୍ପାନୀଗୁଡ଼ିକ ଗୁରୁତର ଚାପରେ ପଡ଼ିପାରନ୍ତି, ଯାହା ସେମାନଙ୍କୁ ଏକୀକୃତ ହେବାକୁ କିମ୍ବା ବ୍ୟବସାୟରୁ ବାହାରି ଯିବାକୁ ବାଧ କରିପାରେ । ଅନ୍ୟପକ୍ଷରେ, ଆମେରିକା ଏକ ଛୋଟ ରପ୍ତାନୀ ବଜାର ହୋଇଥିବାରୁ ଅଟୋ କ୍ଷେତ୍ର ଉପରେ ବହୁତ କମ୍ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି । ଭାରତକୁ ବହୁତ ଶୁଳ୍କ ଲାଗୁଥିବା ଦେଶ ଭାବରେ କହି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଏପ୍ରିଲ ୨ରୁ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରୁଥିବା ଦେଶଗୁଡ଼ିକ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରାଯିବ । ଭାରତ ବର୍ତ୍ତମାନ ଆମେରିକୀୟ ଔଷଧ ଉପରେ ପ୍ରାୟ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ଆଦାୟ କରୁଛି, ଅନ୍ୟପକ୍ଷେ ଆମେରିକା ଭାରତୀୟ ଔଷଧ ଉପରେ କୌଣସି ଆମଦାନୀ ଶୁଳ୍କ ଲାଗୁ କରେ ନାହିଁ । ଶାର୍ଦ୍ଦୁଳ ଅମରଚାନ୍ଦ ମଙ୍ଗଳଦାସ ଆଣ୍ଡ କୋର ପାର୍ଟନର ଅରବିନ୍ଦ ଶର୍ମା କହିଛନ୍ତି ଯେ ସାମ୍ପ୍ରତିକ ଇତିହାସରେ, ଆମେରିକା ଏହାର ଘରୋଇ ଚାହିଦା ପୂରଣ କରିବା ପାଇଁ ଔଷଧ ଉତ୍ପାଦର ଏକ ନେଟ୍ ଆମଦାନୀକାରୀ । ସେ କହିଛନ୍ତି, ଯଦି ଆମେରିକା ଭାରତରୁ ଔଷଧ ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନିଏ, ତେବେ ଏହାର ପ୍ରଭାବ ଭାରତୀୟ ଔଷଧ କ୍ଷେତ୍ର ଉପରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିବ ଏବଂ ଏହାର ଘରୋଇ ବ୍ୟବହାର ମଧ୍ୟ ବାଧାପ୍ରାପ୍ତ ହେବ ।’ ଆମେରିକାରେ ଭାରତୀୟ ଔଷଧ ବହୁଳ ପରିମାଣରେ ଯୋଗାଣ ହୁଏ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଆମେରିକାରେ ଔଷଧର ଏକ ବଡ଼ ଅଂଶ ଯୋଗାଣ କରନ୍ତି । ୨୦୨୨ ମସିହାରେ, ଆମେରିକାରେ ଡାକ୍ତରମାନଙ୍କ ଦ୍ୱାରା ଲିଖିତ ୪୦% ପ୍ରତିଶତ, ଅର୍ଥା ୧୦ ରୁ ଚାରିଟି ଔଷଧ, ଭାରତୀୟ କମ୍ପାନୀଗୁଡ଼ିକ ସପ୍ଲାଇ କରିଥିଲେ । ଉଦ୍ୟୋଗ ସୂତ୍ର ଅନୁଯାୟୀ, ଭାରତୀୟ କମ୍ପାନୀଗୁଡ଼ିକର ଔଷଧ ୨୦୨୨ ମସିହାରେ ଆମେରିକୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ୨୧୯ ବିଲିୟନ ଡଲାର ଏବଂ ୨୦୧୩ ରୁ ୨୦୨୨ ମଧ୍ୟରେ ମୋଟ ୧୩୦୦ ବିଲିୟନ ଡଲାର ସଞ୍ଚୟ କରିପାରିବ । ଭାରତୀୟ କମ୍ପାନୀଗୁଡ଼ିକର ଜେନେରିକ୍ ଔଷଧ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୩୦୦ ବିଲିୟନ ଅତିରିକ୍ତ ସଞ୍ଚୟ କରିବ ବୋଲି ଆଶା କରାଯାଉଛି ।



# ଇଂଲଣ୍ଡ ଏବଂ ଆମେରିକା ଭଳି ବିକଶିତ ଦେଶରେ ମଧ୍ୟ ସନାତନ ଧର୍ମ ସୁରକ୍ଷିତ ନୁହେଁ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):**ଆମେରିକାର କାଲିଫର୍ନିଆରେ ମନ୍ଦିର ଭଙ୍ଗାରୁଜାକୁ ନେଇ ହିନ୍ଦୁ ମହାସଭା ସମେତ ଅନେକ ସଂଗଠନ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ହିନ୍ଦୁ ମହାସଭାର ସଭାପତି ସ୍ୱାମୀ ଚକ୍ରପାଣି ମହାରାଜ କହିଛନ୍ତି ଯେ,’ଏହା ଦୁର୍ଭାଗ୍ୟଜନକ ଯେ ପୂର୍ବରୁ ଆମେ ପାକିସ୍ତାନ ଏବଂ ବାଂଲାଦେଶ ଭଳି ଦେଶ ବିଷୟରେ କଥା ହେଉଥିଲୁ, କିନ୍ତୁ ଏବେ ଇଂଲଣ୍ଡ ଏବଂ ଆମେରିକା ଭଳି ବିକଶିତ ଦେଶରେ ମଧ୍ୟ ଆମର ଧର୍ମ ସୁରକ୍ଷିତ ନୁହେଁ । ନ୍ୟୁଜ ଏଜେନ୍ସି ANI ସହିତ କଥାବାର୍ତ୍ତା ସମୟରେ ସ୍ୱାମୀ ଚକ୍ରପାଣି ମହାରାଜ କହିଛନ୍ତି, ‘ମୋର ଟ୍ରମ୍ପ ସରକାରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ଏବଂ ମୁଁ ଆଶାବାଦୀ ଯେ ଯେଉଁମାନେ ଏହା କରିଛନ୍ତି ସେମାନଙ୍କୁ ଗିରଫ କରାଯିବ ଏବଂ ହିନ୍ଦୁ ମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବ ।’ ସେ ଆହୁରି କହିଛନ୍ତି, ସମସ୍ତ ବିକଶିତ ଦେଶ ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ଏକାଠି ହେବା ଉଚିତ ।’ ଆମେରିକାର କୌଣସି ନା କୌଣସି ସ୍ଥାନରେ, ସ୍ଥାନୀୟ ସରକାରଙ୍କୁ ଘୃଣା କରୁଥିବା ଲୋକମାନଙ୍କୁ ସୁରକ୍ଷା ଦିଆଯାଉଛି । କାଲିଫର୍ନିଆର ଚିନୋ ହିଲ୍ସରେ ଥିବା ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ସମ୍ପର୍କରେ ସ୍ୱାମୀ ଚକ୍ରପାଣି ମହାରାଜ କହିଛନ୍ତି, ‘ଘୃଣ୍ୟ ଲୋକଙ୍କୁ ସ୍ଥାନୀୟ ପ୍ରଶାସନ ଦ୍ୱାରା ସୁରକ୍ଷା ଦିଆଯାଉଛି, ଯେତେବେଳେ ହିନ୍ଦୁମାନେ ସର୍ବଦା ମାନବତାର କଲ୍ୟାଣ ବିଷୟରେ କଥା ହୁଅନ୍ତି’ । ହିନ୍ଦୁ ମହାସଭାର ସଭାପତି ସ୍ୱାମୀ ଚକ୍ରପାଣି ମହାରାଜ କହିଛନ୍ତି, ‘ଡୋନାଲ୍ଡ ଟ୍ରମ୍ପ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ ସ୍ୱର ଉଠାଇଛନ୍ତି କିନ୍ତୁ ଏବେ ଆମେରିକାରେ ହିଁ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହେଉଛି ।’ ଏବେ ବିକଶିତ ଦେଶଗୁଡ଼ିକରେ ମଧ୍ୟ ହିନ୍ଦୁମାନେ ସୁରକ୍ଷିତ ନୁହଁନ୍ତି, ପୁରୋହିତମାନେ ସୁରକ୍ଷିତ ନୁହଁନ୍ତି, ଆମର ମନ୍ଦିରଗୁଡ଼ିକ ସୁରକ୍ଷିତ ନୁହଁନ୍ତି, ଏହାଠାରୁ ଦୁର୍ଭାଗ୍ୟଜନକ ଆଉ କ’ଣ ହୋଇପାରେ । ସେ କହିଥିଲେ, ’ମୁଁ ଜାତିସଂଘ ଠାରୁ ଦାବି କରୁଛି ଯେ ଏହା ବିଚାର କରିବା ଉଚିତ ଯେ ହିନ୍ଦୁ ମନ୍ଦିରଗୁଡ଼ିକୁ ଅନ୍ତର୍ଜାତୀୟ ସ୍ତରରେ କିପରି ସୁରକ୍ଷିତ ରଖାଯାଇପାରିବ ।’ ହିନ୍ଦୁମାନେ ସମଗ୍ର ବିଶ୍ୱର କଲ୍ୟାଣ କଥା କୁହନ୍ତି, ଏପରି ପରିସ୍ଥିତିରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଏକ ବଡ଼ ଚିନ୍ତାର ବିଷୟ । ଟ୍ରମ୍ପ ସରକାର ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ଏବଂ ଏଥିପାଇଁ ଦାୟୀ ଲୋକଙ୍କୁ ଗିରଫ କରିବା ଉଚିତ ।



# ତେଜୁଛି ବିହାର ରାଜନୀତି

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ନିର୍ବାଚନ ଯେତିକି ପାଖଉଛି ବିହାର ରାଜନୀତି ସେତିକି ସରଗରମ ହେଉଛି । ନିର୍ବାଚନ ମାହୋଲ ଚାଲିଥିବା ବେଳେ ଆରମ୍ଭ ହୋଇଯାଇଛି ପୋଷ୍ଟର ରାଜନୀତି । ପାଟଣାରେ କହ୍ନେୟା କୁମାରଙ୍କ ଏକ ପୋଷ୍ଟ ଲାଗିଛି । ଯେଉଁଥିରେ କହ୍ନେୟା କୁମାର ବିହାରର ଆଶା ଭରସା ବୋଲି ଲେଖାଯାଇଛି । ଏହି ପୋଷ୍ଟରକୁ NSUI ନେତା ଚୁନ୍ନୁ ସିଂ ଲଗାଇଥିବା ବେଳେ ଏହି ପୋଷ୍ଟରରେ, ରାହୁଲ ଗାନ୍ଧୀ, କହ୍ନେୟା କୁମାର, ପ୍ରଭାରୀ କୃଷ୍ଣ ଆଲ୍ଲାବରୁ ଏବଂ ବିହାର ନେତାଙ୍କ ଫଟୋ ରହିଛି । ଏଥିରୁ ଅନୁମାନ କରାଯାଉଛି ବିହାରରେ କହ୍ନେୟା କୁମାର ସକ୍ରିୟ ହୋଇପାରନ୍ତି । କହ୍ନେୟା କୁମାରଙ୍କୁ ବିଧାନସଭାରେ ବଡ ଦାୟିତ୍ୱ ମିଳିପାରେ । ଚଳିତ ମାସ ୧୬ ତାରିଖରୁ ବିହାରରେ ଯାତ୍ରା ଅରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି କହ୍ନେୟା କୁମାର । ଚୂଡାନ୍ତ ଅନୁମୋଦନ ପାଇଁ ମାର୍ଚ୍ଚ ୧୨ତାରିଖରେ ରାହୁଲ ଗାନ୍ଧୀଙ୍କୁ ଭେଟିପାରନ୍ତି କହ୍ନେୟା । ମାର୍ଚ୍ଚ ୧୨ ତାରିଖରେ ହିଁ ଆଗାମୀ ବିଧାନସଭା ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତ କରିବ କଂଗ୍ରେସ । ଏନେଇ ବିହାର କଂଗ୍ରେସର ତୁଙ୍ଗ ନେତା, ରାହୁଲ ଗାନ୍ଧୀ ଓ ଖଡଗେଙ୍କ ମଧ୍ୟରେ ବୈଠକ ରହିଛି । ବିହାରରେ କହ୍ନେୟା ସକ୍ରିୟ ହେଲେ ମହାମେଣ୍ଟରେ ଫାଟ ସୃଷ୍ଟି ହୋଇପାରେ। କାରଣ କହ୍ନେୟାଙ୍କୁ ପସନ୍ଦ କରେନି ଆରଜେଡି । ତେଣୁ ପ୍ରଶ୍ନ ଉଠୁଛି, ବିହାରରେ କହ୍ନେୟାଙ୍କୁ ଏଣ୍ଟ୍ରି କରି ନିର୍ବାଚନ ପୂର୍ବରୁ କଂଗ୍ରେସ ଆରଜେଡିର ଅସନ୍ତୋଷର ଶିକାର ହେବ କି ? ବିହାର ଉପରେ କଂଗ୍ରେସର ସ୍ୱତନ୍ତ୍ର ନଜର ରହିଛି । ଏହି ବର୍ଷ ଏପର୍ଯ୍ୟନ୍ତ ରାହୁଲ ଗାନ୍ଧୀ ମଧ୍ୟ ଦୁଇଥର ବିହାର ଆସି ସାରିଛନ୍ତି । ଯୁବ ନେତା କୃଷ୍ଣ ଆଲ୍ଲାବରୁଙ୍କୁ ବିହାର କଂଗ୍ରେସର ପ୍ରଭାରୀ ମଧ୍ୟ କରାଯାଇଛି । ପ୍ରତିଦିନ କିଛି କଂଗ୍ରେସ ବିଧାୟକ ବୟାନ ଦେଉଛନ୍ତି ଯେ, ନିର୍ବାଚନ ସାମୂହିକ ନେତୃତ୍ୱରେ ଲଢ଼ାଯିବ । ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଚେହେରା ନୁହଁନ୍ତି । ନିର୍ବାଚନ ପରେ, ମୁଖ୍ୟମନ୍ତ୍ରୀ ସେହି ଦଳରୁ ହେବେ ଯାହାର ବିଧାୟକଙ୍କ ସଂଖ୍ୟା ଅଧିକ ହେବ । ଏହି ସମୟରେ, କହ୍ନେୟାଙ୍କୁ ବିହାରର ଆଶା ଭରସା ବୋଲି କହି ତାଙ୍କର ପୋଷ୍ଟର ଲଗାଯାଇଛି, ଯାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି । କହ୍ନେୟାଙ୍କ ପୋଷ୍ଟର ଉପରେ ବିହାର କଂଗ୍ରେସ ମିଡିଆ ବିଭାଗର ଅଧ୍ୟକ୍ଷ ରାଜେଶ ରାଠୋର କହିଛନ୍ତି, କହ୍ନେୟା ବିହାରର । ସେ ପୂର୍ବରୁ ମଧ୍ୟ ବିହାର ଆସିଛନ୍ତି । ଆଗକୁ ମଧ୍ୟ ଆସିବେ । ଯଦି ସେ ଦାୟିତ୍ୱ ନିଅନ୍ତି ଓ ବିହାର ପାଇଁ କାମ କରନ୍ତି, ତେବେ ତାଙ୍କୁ ସ୍ୱାଗତ କରାଯିବ । ପ୍ରତ୍ୟେକ ଦଳ ଚାହାଁନ୍ତି ଯେ ତାଙ୍କର ସଂଗଠନ ମଜବୁତ ହେଉ । ଆମେ କେବଳ ମହାମେଣ୍ଟରେ ନିର୍ବାଚନ ଲଢ଼ିବୁ । ଏବେ ଆମେ ସେ ବିଷୟରେ ମତାମତ ଦେବାକୁ ଚାହୁଁନାହୁଁ ଯେ ଆରଜେଡି କହ୍ନେୟାଙ୍କୁ ପସନ୍ଦ କରେ କି ନାହିଁ । ଯଦି କଂଗ୍ରେସ ଶକ୍ତିଶାଳୀ ହୁଏ, ତେବେ ନିର୍ବାଚନରେ ତାର ସହଯୋଗୀ ଦଳକୁ ବି ଫାଇଦା ମିଳିବ । ଏହା ଉପରେ ଆରଜେଡି ମୁଖପାତ୍ର ମୃତ୍ୟୁଞ୍ଜୟ ତିୱାରୀ କହିଛନ୍ତି, କିଏ କେଉଁ ପୋଷ୍ଟର ଲଗାଉଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ବିହାରର ଆଶା ଓ ଭରସା ହେଉଛନ୍ତି କେବଳ ତେଜସ୍ୱୀ ଯାଦବ । ବିହାରର ଲୋକମାନେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେଜସ୍ୱୀ ଯାଦବଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି । ଯେକୌଣସି ବ୍ୟକ୍ତି କାହାର ପୋଷ୍ଟର ଲଗାଇ ଆଶା ପ୍ରକାଶ କରିପାରିବେ । ଏଥିରେ କ୍ଷତି କ’ଣ ? ଏଠାରେ ଗଣତନ୍ତ୍ର ଅଛି । ତେଜସ୍ୱୀ ଲୋକଙ୍କ ପାଇଁ କାମ କରି ଦେଖାଇଛନ୍ତି। ତେଣୁ ଲୋକଙ୍କ ଆଶା ତେଜସ୍ୱୀଙ୍କ ଉପରେ ରହିଛି । ନିର୍ବାଚନରେ ଏହା ପ୍ରତିଫଳିତ ହେବ ।

# ୨୭ ସହରରେ ସ୍ଥାପନ ହେବ ଏଆଇ ଡାଟା ଲ୍ୟାବ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀଠାରେ ଇଣ୍ଡିଆ ଏଆଇ କମ୍ପ୍ୟୁଟ ପୋର୍ଟାଲ ଏବଂ ଡାଟାବେସ୍ ପ୍ଲାଟଫର୍ମ ଏଆଇ କୋଷ ଲଞ୍ଚ କରିଛନ୍ତି । ଏହା ସହ ୨୭ ସହରରେ ଏଆଇ ଡାଟା ଲ୍ୟାବ ସ୍ଥାପନ କରିବାକୁ ଏଠାରେ ଘୋଷଣା କରାଯାଇଛି । ଏଆଇକୋଷ ସୋଭରେନ ଡାଟାସେଟ୍ ପ୍ଲାଟଫର୍ମ ହୋଇଥିବା ବେଳେ ଭାରତୀୟ ଏଆଇ ମଡେଲ ବିକଶିତ କରିବାରେ ସହାୟତା କରିବ । ସେହିଭଳି ଇଣ୍ଡିଆ ଏଆଇ କମ୍ପ୍ୟୁଟ ପୋର୍ଟାଲରେ ଗବେଷକ, ଷ୍ଟାର୍ଟଅପ, ସରକାରୀ ଏଜେନ୍ସି, ଗବେଷଣା ଏବଂ ବିକାଶ ଲାଗି ସବସିଡି ଭିତ୍ତିକ ଜିପିୟୁ ଆକ୍ସେସ୍ କରିପାରିବେ । ସରକାର ଜିପିୟୁ ସବସିଡି ରେଟ୍ରୁ ପ୍ରତିଘଣ୍ଟା ୬୭ ଟଙ୍କା କରିଛନ୍ତି । ସାରା ଦେଶରେ ଆସିବାକୁ ଥିବା ୨୭ ଏଆଇ ଡାଟା ଲ୍ୟାବ୍ ଏଆଇ ଗବେଷଣା ଏବଂ ବିକାଶରେ ସହାୟକ ହେବ ବୋଲି କହିଛନ୍ତି ଶ୍ରୀ ବୈଷ୍ଣବ ।

# ‘X’ ହେଲା ଡାଉନ୍, ସମସ୍ୟାର ସମ୍ମୁଖୀନ ହେଲେ ୟୁଜର୍ସ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ଏଲନ ମସ୍କଙ୍କ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ‘X’ର ସର୍ଭର କ୍ରାସ୍ ହୋଇଯାଇଛି । ଯାହା ଫଳରେ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସୋସିଆଲ ମିଡିଆରେ ଲୋକମାନେ ଅନେକ ସମସ୍ୟା ବିଷୟରେ ଜଣାଇଛନ୍ତି । ଅଧିକାଂଶ ଲୋକ ଲଗଇନ୍ କରିପାରୁନଥିବା ବେଳେ କିଛି ଲୋକ ନୂଆ ପୋଷ୍ଟ ସେୟାର କିମ୍ବା ପ୍ରତିକ୍ରିୟା ଦେଇପାରୁନାହାନ୍ତି । ଡାଉନଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୬୧ ପ୍ରତିଶତ ୟୁଜର୍ସ ୱେବସାଇଟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହି ସମୟରେ, ୩୮ ପ୍ରତିଶତ ୟୁଜର୍ସ ମୋବାଇଲ୍ ଆପ୍ ଚଲାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏକ ପ୍ରତିଶତ ଉପଭୋକ୍ତା ଲଗଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୟୁକେ ଏବଂ ଆମେରିକାର ବ୍ୟବହାରକାରୀମାନେ ‘X’ ରେ ଆପ୍ ରିଫ୍ରେସ୍ କରିବା କିମ୍ବା ଖୋଲିବା ସମୟରେ ‘Something went wrong’ ବୋଲି ମେସେଜ ଦେଖୁଛନ୍ତି ଫଇଣ୍ଡିପେଣ୍ଡେଣ୍ଟ ପ୍ଲାଟଫର୍ମ ଡାଉନଡିଟେକ୍ଟରରେ ୟୁକେରୁ ୯ ହଜାରରୁ ଅଧିକ ରିପୋର୍ଟ ପଞ୍ଜିକୃତ ହୋଇଛି । ଯେଉଁଥିରେ ବ୍ୟବହାରକାରୀମାନେ ‘x’ ୱେବସାଇଟ୍ ଚଲାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯେତେବେଳେ ଆମେରିକାରେ ପ୍ରତି ମିନିଟରେ ୧୭,୦୦୦ ରିପୋର୍ଟ ପଞ୍ଜିକୃତ ହୋଇଛି ।

# ବିଜେପିକୁ ଟାର୍ଗେଟ କଲେ ଆତିଶୀ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ରେଖା ଗୁପ୍ତାଙ୍କ ସରକାର ଦିଲ୍ଲୀରେ ମହିଳା ସମୃଦ୍ଧି ଯୋଜନା କାର୍ଯ୍ୟକାରୀ ନେଇ ଘୋଷଣା କରିଛନ୍ତି । ଏହା ଜରିଆରେ ଲକ୍ଷ ଲକ୍ଷ ଯୋଗ୍ୟ ମହିଳା ପ୍ରତି ମାସରେ ୨୫୦୦ ଟଙ୍କା ପାଇବେ । ଏବେ ଏହା ଉପରେ ଆମ ଆଦମୀ ପାର୍ଟିର ପ୍ରତିକ୍ରିୟା ମଧ୍ୟ ଆସିଛି । ବିରୋଧୀ ଦଳ ନେତା ଆତିଶୀ ଏହି ଯୋଜନାକୁ ‘ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜୁମଲା’ ବୋଲି କହିଛନ୍ତି । ଆତିଶୀ କହିଛନ୍ତି, ‘ଦିଲ୍ଲୀ ନିର୍ବାଚନ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ମାର୍ଚ୍ଚ ୮ରୁ ପ୍ରତି ମାସରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୫୦୦ ଟଙ୍କା ଜମା କରାଯିବ । ଆଜି ମହିଳାମାନେ ସେମାନଙ୍କ ଫୋନରେ ମେସେଜକୁ ଅପେକ୍ଷା କରିଥିଲେ । ବିଜେପି ସରକାର ପ୍ରମାଣିତ କରିଛି ଯେ, ଏହା ମୋଦୀଙ୍କ ଗ୍ୟାରେଣ୍ଟି ନୁହେଁ ବରଂ ଏକ ଜୁମଲା । ଟଙ୍କା ନୁହେଁ, ଏକ ଯୋଜନା ମଧ୍ୟ ଯୋଗାଇ ଦିଆଗଲା ନାହିଁୟ ପଞ୍ଜିକରଣ ପାଇଁ ଏକ ପୋର୍ଟାଲ ମଧ୍ୟ ଯୋଗାଇ ଦିଆଗଲା ନାହିଁ । କେବଳ ୪ ସଦସ୍ୟ ବିଶିଷ୍ଟ ଏକ କମିଟି ଯୋଗାଇ ଦିଆଗଲା ।’ ବିଜେପିକୁ ଟାର୍ଗେଟ କରି ଆତିଶୀ କହିଛନ୍ତି, ‘ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ମହିଳାଙ୍କୁ ମିଛ କହିଥିଲେ । ହୁଏତ ଏହା ଏକ ଆରମ୍ଭ । ଭବିଷ୍ୟତରେ, ଦିଲ୍ଲୀର ଲୋକମାନେ ଜାଣିପାରିବେ ଯେ ଘୋଷଣାପତ୍ରରେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ତାହା ମିଛରେ ପରିଣତ ହେବ ।’ ଆତିଶୀ ଆହୁରି କହିଛନ୍ତି, ଦିଲ୍ଲୀର ମହିଳାମାନଙ୍କୁ ଠକି ଦିଆଯାଇଛି । ସେମାନଙ୍କୁ ଖେଳିବା ପାଇଁ ଏକ ଖେଳଣା ଦିଆଯାଇଛି । ବିଜେପି ସରକାର ପ୍ରମାଣ କରିଛି ଯେ, ମୋଦିଜୀ ଦିଲ୍ଲୀର ମହିଳାଙ୍କୁ ମିଛ କହିଥିଲେ । ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ତାହା ପୂରଣ କରୁନାହିଁ । ଏବେ ଦିଲ୍ଲୀର ଲୋକମାନେ ମଧ୍ୟ ସେମାନଙ୍କର ସତ୍ୟ ଜାଣିବାକୁ ପାଉଛନ୍ତି ।

# ଚଳିତବର୍ଷ ପ୍ରତିରକ୍ଷା ବଜେଟକୁ ବଢାଇବାକୁ ଯାଉଛି ଚୀନ୍

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ଏଲଏସି (ଲାଇନ୍ ଅଫ୍ ଆକଚୁଅଲ୍ କଣ୍ଟ୍ରୋଲ)ରେ ଚୀନ୍ ଭାରତ ମଧ୍ୟରେ ଅନେକ ତିକ୍ତତା ଦେଖିବାକୁ ମିଳିଛି । ବର୍ତ୍ତମାନ ଯଦିଓ ମାହୋଲ ସାମାନ୍ୟ ଥଣ୍ଡା ରହିଛି, କିନ୍ତୁ ଚୀନ୍ ତାର ବିସ୍ତାରବାଦୀ ନୀତିକୁ କେବେ ବି ପରିବର୍ତ୍ତନ କରିବ ନାହିଁ ତାହା ସମସ୍ତେ ଜାଣନ୍ତି । ଏହାରି ଭିତରେ ଆଉ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି । ଚଳିତ ବଜେଟରେ ଚୀନ୍ ତାର ପ୍ରତିରକ୍ଷା ବଜେଟକୁ ବଢାଇବାକୁ ଯାଉଛି । ଦେଶ ଦେଶ ମଧ୍ୟରେ ବିଭିନ୍ନ କାରଣକୁ ନେଇ ତିକ୍ତତା ଲାଗି ରହିଥିବା ବେଳେ ଚୀନର ପ୍ରତିରକ୍ଷା ବଜେଟ୍ ବଢାଇବା ଯୁଦ୍ଧ ଆଡକୁ ଇଙ୍ଗିତ କରୁନି ତ ? ପୂର୍ବ ବର୍ଷ ଚୀନ ତାର ପ୍ରତିରକ୍ଷା ବଜେଟକୁ ୭.୨ ପ୍ରତିଶତ ବୃଦ୍ଧି କରିଥିଲା । ଯାହା ଭାରତର ବଜେଟ୍ ତୁଳନାରେ ୩ ଗୁଣା ଅଧିକ । ଚଳିତବର୍ଷ ବି ଚୀନ୍ ପ୍ରତିରକ୍ଷା ବଜେଟରେ ବୃଦ୍ଧି କରିବାକୁ ଯାଉଛି । ପ୍ରତିରକ୍ଷା ବଜେଟ୍ ପାଖାପାଖି ୨୪୯ ଅରବ ଡଲାର ହେବ ବୋଲି ଚୀନ୍ ପ୍ରଧାନମନ୍ତ୍ରୀ ଲି–କିୟାଙ୍ଗ୍ ସଂସଦରେ ଡ୍ରାଫ୍ଟ ବଜେଟ୍ ରିପୋର୍ଟ ଉପସ୍ଥାପନ କରିଛନ୍ତି । ତାଇୱାନ୍, ଯାପାନ, ଆମେରିକା ଭଳି ପ୍ରତିଦ୍ୱନ୍ଦୀଙ୍କୁ ନଜରରେ ରଖି ଚୀନ୍ ତାର ସମସ୍ତ ସଶସ୍ତ୍ର ବାହିନୀକୁ ବ୍ୟାପକ ଭାବେ ଆଧୁନିକୀକରଣ କରୁଛି । ଗତ କିଛି ବର୍ଷ ହେବ ଚୀନ୍ ବିମାନବାହକ ଯୁଦ୍ଧପୋତ, ଅତ୍ୟାଧୁନିକ ଯୁଦ୍ଧ ଯାହଜ, ଅତ୍ୟାଧୁନିକ ଶୈଳୀର ଯୁଦ୍ଧ ବିମାନ ତିଆରି କରୁଛି । ଏଭଳି ସ୍ଥିତିରେ ପ୍ରତିରକ୍ଷା ବଜେଟ୍ ବୃଦ୍ଧି, ଚୀନର ସାମରିକ ଆଧୁନିକୀକରଣକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

# ଧର୍ମେନ୍ଦ୍ର ଓ ଷ୍ଟାଲିନ ମୁହାଁମୁହିଁ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବୟାନର ଜବାବ ଦେଇ ତାଙ୍କୁ ‘ଅହଂକାରୀ’ ବୋଲି କହିଛନ୍ତି । ପୂର୍ବରୁ, କେନ୍ଦ୍ରମନ୍ତ୍ରୀ ତାମିଲନାଡୁ ସରକାରଙ୍କୁ ‘ବେଇମାନ’ ବୋଲି କହିଥିଲେ । ଲୋକସଭାରେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପିଏମ୍ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା (ପିଏମ୍ ଶ୍ରୀ) ଉପରେ ତାମିଲନାଡୁ ସରକାରଙ୍କୁ ଟାର୍ଗେଟ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ ‘ବେଇମାନ’ ବୋଲି କହିଥିଲେ ।ପ୍ରଧାନ କହିଥିଲେ ଯେ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାର ପିଲାମାନଙ୍କ ଭବିଷ୍ୟତ ସହିତ ଖେଳୁଛି । ଏହି ପ୍ରସଙ୍ଗରେ, ଏମକେ ଷ୍ଟାଲିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ତାମିଲ ଭାଷାରେ ପୋଷ୍ଟ କରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅହଂକାରୀ ବୋଲି କହିଥିଲେ । ଷ୍ଟାଲିନ୍ ଲେଖିଛନ୍ତି, ‘ସେ (ଧର୍ମେନ୍ଦ୍ର ପ୍ରଧାନ) ଜଣେ ଅହଂକାରୀ ରାଜା ପରି କଥା କହୁଥିଲେ ଏବଂ ଏହା କରି ସେ ତାମିଲନାଡୁର ଲୋକମାନଙ୍କୁ ଅପମାନିତ କରିଛନ୍ତି । ଜଣେ କେନ୍ଦ୍ରମନ୍ତ୍ରୀ ଭାବରେ ତାଙ୍କୁ ଶୃଙ୍ଖଳିତ ଭାବରେ ଆଚରଣ କରିବା ଉଚିତ ।’ ସେ ଆହୁରି ଲେଖିଛନ୍ତି, ’ସେ ନିଜକୁ ରାଜା ଭାବନ୍ତି ଏବଂ ଜଣେ ଅହଂକାରୀ ବ୍ୟକ୍ତି ପରି କଥା କୁହନ୍ତି, ତାଙ୍କୁ ନିଜ ତୁଣ୍ଡରେ ଲଗାମ ଲଗାଇବା ଉଚିତ ।’

# କୁମ୍ଭମେଳାକୁ ନେଇ ବିବାଦୀୟ ବୟାନ ଦେଲେ ରାଜ ଠାକରେ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):**ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ସରିଗଲାଣି, ହେଲେ ଏହାକୁ ନେଇ ରାଜନୀତି କମିବାର ନାମ ନେଉନାହିଁ । ବିଭିନ୍ନ ପ୍ରସଙ୍ଗରେ ରାଜନୈତିକ ଦଳମାନେ ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏବେ ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ବି କୁମ୍ଭମେଳାକୁ ଟାର୍ଗେଟ କରିଛନ୍ତି । ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ମହାକୁମ୍ଭରେ ଗାଧୋଇବାକୁ ନେଇ ଏକ ବିବାଦୀୟ ବିବୃତ୍ତି ଦେଇଛନ୍ତି । ଅନ୍ଧବିଶ୍ୱାସରୁ ଲୋକମାନେ ବାହାରକୁ ଆସିବା ଉଚିତ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ମୁଁ ଗଙ୍ଗାର ମଇଳା ଜଳକୁ ମଧ୍ୟ ଛୁଇଁବି ନାହିଁ ଯେଉଁଠାରେ କୋଟି କୋଟି ଲୋକ ଗାଧୋଇଛନ୍ତି । ବାସ୍ତବରେ, ରାଜ ଠାକରେ ତାଙ୍କ ପାର୍ଟି ଏମଏନଏସର ପ୍ରତିଷ୍ଠା ଦିବସ ଅବସରରେ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ । ଏହି ସମୟରେ ସେ ମହାକୁମ୍ଭକୁ ନେଇ ଏକ ବିବାଦୀୟ ବିବୃତ୍ତି ଦେଇଥିଲେ । ଅନ୍ଧବିଶ୍ୱାସରୁ ଲୋକମାନେ ବାହାରକୁ ଆସିବା ଉଚିତ ବୋଲି ସେ କହିଛନ୍ତି । ରାଜ ଠାକରେ କୁମ୍ଭମେଳାରେ ଅମୃତ ସ୍ନାନ କରୁଥିବା ଲୋକଙ୍କୁ ପରିହାସ କରିଥିଲେ ଏବଂ କହିଥିଲେ ଯେ କୋଟି କୋଟି ଲୋକ ଗାଧୋଇଥିବା ଗଙ୍ଗାର ମଇଳା ଜଳକୁ ସେ ସ୍ପର୍ଶ କରିବେ ନାହିଁ । ସେ କହିଛନ୍ତି, ବାଲା ନନ୍ଦଗାଓଁକର ସେଠାରୁ ପାଣି ଆଣିଥିଲେ, ମୁଁ କହିଲି ମୁଁ ଏହାକୁ ପିଇବି ନାହିଁ ।



# ‘ଭାରତ ଏବେ ଶୁଳ୍କ ହ୍ରାସ ପାଇଁ ପ୍ରସ୍ତୁତ’

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଦାବି କରିଛନ୍ତି ଯେ, ଭାରତ ଏହାର ଶୁଳ୍କ ହ୍ରାସ କରିବାକୁ ପ୍ରସ୍ତୁତ ଅଛି । ଟ୍ରମ୍ପଙ୍କ ଏହି ବୟାନ ପରେ ଭାରତ କହିଛି ଯେ, ଆମେରିକା ସହିତ ଏପର୍ଯ୍ୟନ୍ତ ଶୁଳ୍କ ସମ୍ପର୍କରେ କୌଣସି ଚୁକ୍ତି ହୋଇନାହିଁ । ଏ ସମ୍ପର୍କରେ ଆଲୋଚନା ଚାଲିଛି । ବାଣିଜ୍ୟ ସଚିବ ସୁନୀଲ ବାର୍ଥୱାଲ ସୋମବାର ସଂସଦୀୟ କମିଟିକୁ ଏ ବିଷୟରେ ଜଣାଇଛନ୍ତି । ଭାରତ ସୀମା ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛି ବୋଲି ଟ୍ରମ୍ପଙ୍କ ଦାବି ଉପରେ ଅନେକ ସାଂସଦ ଚିନ୍ତା ପ୍ରକାଶ କରିଥିଲେ। ଏହା ଉପରେ ବାଣିଜ୍ୟ ସଚିବ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଏବେ ବି ଚାଲିଥିବାରୁ ଏହି ଦାବି ଏବଂ ଗଣମାଧ୍ୟମ ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଇପାରିବ ନାହିଁ। ସେ ସଂସଦୀୟ କମିଟିକୁ କହିଥିଲେ ଯେ, ଭାରତ ଆମେରିକା ସହିତ ବାଣିଜ୍ୟ ଶୁଳ୍କ କ୍ଷେତ୍ରରେ କୌଣସି ପ୍ରତିଶ୍ରୁତି ଦେଇନାହିଁ । ବାର୍ଥୱାଲ କହିଛନ୍ତି, ବାଣିଜ୍ୟ ଆଲୋଚନା ସମୟରେ ଭାରତର ସ୍ୱାର୍ଥକୁ ଧ୍ୟାନ ଦିଆଯିବ। ଭାରତ ମୁକ୍ତ ବାଣିଜ୍ୟ ସପକ୍ଷରେ ଏବଂ ବାଣିଜ୍ୟର ଉଦାରୀକରଣ ଚାହୁଁଛି, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିବ । ସେ ଆହୁରି କହିଛନ୍ତି, ଶୁଳ୍କ ଯୁଦ୍ଧ ଆରମ୍ଭ କରିବା ଦ୍ୱାରା ଆମେରିକା ସମେତ କାହାକୁ ବି ଲାଭ ମିଳିବନି । ଏହା ଏକାଧିକ ଦେଶରେ ମାନ୍ଦାବସ୍ଥା ଆଣିପାରେ ।ଏହି ସମୟରେ କିଛି ସାଂସଦ ତାଙ୍କୁ ପଚାରିଥିଲେ ଯେ, ଭାରତ କାହିଁକି ମେକ୍ସିକୋ ଏବଂ କାନାଡ଼ା ପରି ଆମେରିକାର କଷ୍ଟମ୍ ଡ୍ୟୁଟି କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନାହିଁ। ଏହା ଉପରେ ବାର୍ଥୱାଲ କହିଛନ୍ତି ଯେ, ଉଭୟ ମାମଲାକୁ ତୁଳନା କରାଯାଇପାରିବ ନାହିଁ । କାରଣ ଆମେରିକା ସହିତ ସୁରକ୍ଷା ଚିନ୍ତା ଏବଂ ସୀମା ବିବାଦ ସମସ୍ୟା ରହିଛି । ବାର୍ଥୱାଲ ସଂସଦୀୟ କମିଟିକୁ କହିଥିଲେ ଯେ, ଭାରତ ଆମେରିକା ସହିତ ‘ପାରସ୍ପରିକ ଲାଭଦାୟକ ଚୁକ୍ତି’ ସ୍ୱାକ୍ଷର କରିବ । ଭାରତ ଏହାର ଘରୋଇ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବ । ବାର୍ଥୱାଲ କହିଛନ୍ତି, ଭାରତ ଦ୍ୱିପାକ୍ଷିକ ଭାବରେ କଷ୍ଟମ୍ ଡ୍ୟୁଟି ହ୍ରାସ କରିପାରିବ, କିନ୍ତୁ ଏହା ବହୁପାକ୍ଷିକ ଭାବରେ କରାଯାଇପାରିବ ନାହିଁ । ସେଥିପାଇଁ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କାମ କରାଯାଉଛି । ଏହି ସମୟରେ, ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ସଂସଦୀୟ କମିଟିକୁ ଚୀନ୍ ଏବଂ ୟୁରୋପ ସହିତ ଭାରତର ସମ୍ପର୍କ ବିଷୟରେ ସୂଚନା ଦେଇଥିଲେ । ମିଶ୍ରି କହିଛନ୍ତି ଯେ, ଦକ୍ଷିଣ–ପୂର୍ବ ଚୀନରେ ବ୍ରହ୍ମପୁତ୍ର ନଦୀ ଉପରେ ବନ୍ଧ ନିର୍ମାଣ ଭାରତ ପାଇଁ ଚିନ୍ତାର ବିଷୟ କାରଣ । ଚୀନ୍ ତା’ର ବଜେଟ୍ ଅନୁଯାୟୀ, ଏହାର ବିକାଶ ପାଇଁ ପାଣି ବ୍ୟବସ୍ଥା କରିଛି ।



# ଆଇପିଏଲ୍‌ରେ ମଦ ଓ ତମାଖୁ ବିଜ୍ଞାପନ ବ୍ୟାନ୍

## ଚେୟାରମ୍ୟାନଙ୍କୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୧୦।୩: ମାର୍ଚ୍ଚ ୨୨, କାଉଣ୍ଟଡାଉନ୍ ଆରମ୍ଭ। ଆରମ୍ଭ ହେବ ପଟାଫଟ୍ କ୍ରିକେଟ୍ ମହାକୁମ୍ଭ।୧୩ଟି ସ୍ଥାନରେ ଖେଳାଯିବ ମୋଟ ୭୪ଟି ମ୍ୟାଚ। କିନ୍ତୁ ଏହା ପୂର୍ବରୁ ଆଇପିଏଲ ଅଧ୍ୟକ୍ଷଙ୍କୁ ଏକ ଚିଠି ଲେଖିଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଇପିଏଲ ଅଧ୍ୟକ୍ଷଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ଆଇପିଏଲ ମ୍ୟାଚ୍ ସମୟରେ ତମାଖୁ ଓ ମଦ ବିଜ୍ଞାପନ ଦେଖାଯିବା ଉଚିତ ନୁହେଁ।

ଚିଠିରେ କୁହାଯାଇଛି ଯେ ଭାରତରେ କର୍କଟ, ଫୁସଫୁସ ରୋଗ, ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ଅଣ-ସଂକ୍ରମିତ ରୋଗ ବୃଦ୍ଧିର ମୁଖ୍ୟ କାରଣ ହେଉଛି। ତମାଖୁ ଏବଂ ମଦ୍ୟପାନ ତମାଖୁ ଜନିତ ମୃତ୍ୟୁ ସଂଖ୍ୟାରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି। ଏଠାରେ ପ୍ରତିବର୍ଷ ମଦ ମୃତ୍ୟୁ ବି ପାଖାପାଖି ୧୪ ଲକ୍ଷ ରହିଛି ।

ଚଳିତ ବର୍ଷ ୨୨ ମାର୍ଚ୍ଚରୁ ଆରମ୍ଭ ହେଉଛି ଏହା ଦେଶର ସବୁଠାରୁ ବଡ଼ କ୍ରୀଡା ଇଭେଣ୍ଟ ଏହି ପ୍ଲାଟଫର୍ମ ମାଧ୍ୟମରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ତମାଖୁ ଓ ମଦ୍ୟପାନକୁ ପ୍ରୋତ୍ସାହିତ କରାଯାଏ। ଏପରି ସ୍ଥିତିରେ, ଆଇପିଏଲ ଷ୍ଟାଡିୟମ ପରିସର ଭିତରେ ଏବଂ ବାହାରେ ତମାଖୁ, ମଦ୍ୟପାନ ବିଜ୍ଞାପନ ପ୍ରଦର୍ଶନକୁ କଡ଼ାକଡ଼ି ବାରଣ କରାଯିବା କଥା।




ଏହି ବିଜ୍ଞାପନଗୁଡ଼ିକ କେବଳ ଆଇପିଏଲ ଷ୍ଟାଡିୟମରେ ନୁହେଁ ବରଂ ଟେଲିଭିଜନ ପ୍ରସାରଣ ସମୟରେ ମଧ୍ୟ ନିଷେଧ କରାଯାଉ। ଚିଠିରେ କୁହାଯାଇଛି ଯେ ଆଇପିଏଲ ସମ୍ବନ୍ଧୀୟ ଇଭେଣ୍ଟ ସମୟରେ ତମାଖୁ ଓ ମଦ୍ୟପାନ ଉତ୍ପାଦର ବିକ୍ରୟ ମଧ୍ୟ ନିଷେଧ କରାଯିବା ଉଚିତ।

୨୦୨୫ ସିଜିନ୍ ୨୨ ମାର୍ଚ୍ଚରେ ଆରମ୍ଭ ହେବ। ଅର୍ଥାତ ଏହି ଦିନ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍। ଖେଳାଯିବ ୨୫ ମଇରେ ଅନୁଷ୍ଠିତ ହେବ ଫାଇନାଲ ମ୍ୟାଚ୍ । ସେହିଭଳି ଏଥର ଟୁର୍ଣ୍ଣାମେଣ୍ଟର ପ୍ଲେ ଅଫ୍ ମ୍ୟାଚ୍ ହାଇଦ୍ରାବାଦ ଏବଂ କୋଲକାତାରେ ଅନୁଷ୍ଠିତ ହେବ। ଏହି ଗ୍ରାଉଣ୍ଡରେ କ୍ୱାଲିଫାୟର-୨ ଏବଂ ଫାଇନାଲ ମ୍ୟାଚ୍ ମଧ୍ୟ ଖେଳାଯିବ। କ୍ୱାଲିଫାୟର-୧ ଏବଂ ଏଲିମିନେଟର ମ୍ୟାଚ୍ ହାଇଦ୍ରାବାଦରେ ଅନୁଷ୍ଠିତ ହେବ।
ଗତ ଥର ପରି ଏହି ସିଜିନରେ ମଧ୍ୟ ୧୦ଟି ଦଳ ଆଇପିଏଲରେ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ମଧ୍ୟରେ ୬୫ ଦିନରେ ଫାଇନାଲ୍ ସମେତ ମୋଟ ୭୪ ଟି ମ୍ୟାଚ୍ ଖେଳାଯିବ। ଏହି ସମସ୍ତ ମ୍ୟାଚ୍ କେବଳ ଭାରତର ୧୩ଟି ସ୍ଥାନରେ ଅନୁଷ୍ଠିତ ହେବ।

# କ୍ୟାପ୍ଟେନ ଅଫର୍‌କୁ ମନା କଲେ କେଏଲ୍ ରାହୁଲ୍



ନୂଆଦିଲ୍ଲୀ,୧୧।୩: ଚାମ୍ପିଅନ୍ସ ଟ୍ରଫିରୁ ଫେରିବା ପରେ କେଏଲ୍ ରାହୁଲ୍ କ୍ୟାପ୍ଟେନ୍ସିକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାହୁଲଙ୍କ ଏହି ନିଷ୍ପତ୍ତି ଆଇପିଏଲ୍ ସହ ଜଡ଼ିତ ମିଡିଆ ରିପୋର୍ଟ ଅନୁସାରେ ରାହୁଲ୍ ଆଇପିଏଲ୍ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କ୍ୟାପ୍ଟେନ୍ସି ଅଫର୍‌କୁ ମନା କରିଦେଇଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜି ରାହୁଲଙ୍କୁ ଟିମ୍‌ର ନେତୃତ୍ୱ ନେବା ପାଇଁ ପ୍ରସ୍ତାବ ଦେଇଥିଲା, ଯାହାକୁ ସେ ମନା କରିଦେଇଛନ୍ତି ।

ମିଡିଆ। ରିପୋର୍ଟ ଅନୁସାରେ କେଏଲ୍ ରାହୁଲ କ୍ୟାପ୍ଟେନ୍ସି ପ୍ରସ୍ତାବକୁ ମନା କରି ଜଣେ ଖେଳାଳି ଭାବେ ଟିମ୍ ପାଇଁ ଅଧିକ ଯୋଗଦାନ ଦେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି କେଏଲ୍ ରାହୁଲ୍ ଅଧିନାୟକ ହେବା ନେଇ ଅନିଚ୍ଛା ପ୍ରକାଶ କରିବା ପରେ ଅକ୍ଷର ପଟେଲ୍ ଦିଲ୍ଲୀ କ୍ୟାପିଟାଲ୍ସର କ୍ୟାପ୍ଟେନ୍ ହୋଇପାରନ୍ତି। ଅଧିନାୟକଙ୍କ ପଦ ପାଇଁ ଏହି ଦୁହିଁଙ୍କୁ ନେଇ ଚର୍ଚ୍ଚା ଥିଲା ।

ଦିଲ୍ଲୀ କ୍ୟାପିଟାଲ୍ସ କେଏଲ୍ ରାହୁଲଙ୍କୁ ଆଇପିଏଲ୍ ୨୦୨୫ର ମେଗା ଅକ୍ସନରେ ୧୪ କୋଟି ଟଙ୍କାରେ କିଣିଥିଲା ରାହୁଲଙ୍କ ପାଖରେ ଆଇପିଏଲ୍‌ରେ କ୍ୟାପ୍ଟେନ୍ସି କରିବାର ପୂର୍ବରୁ ଅନୁଭୂତି ରହିଛି ।୨୦୨୦-୨୧ରେ ସେ ପଞ୍ଜାବ କିଙ୍ଗ୍ସ ଓ ୨୦୨୨-୨୪ ଯାଏ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍ ପାଇଁ କ୍ୟାପ୍ଟେନ୍ସି କରିସାରିଛନ୍ତି।

ରାହୁଲ୍ କ୍ୟାପ୍ଟେନ୍ ହେବାକୁ ମନା କରିବା ପରେ ଏବେ ଅକ୍ଷର ପଟେଲ ଟିମ୍‌ର ନେତୃତ୍ୱ ନେବା ଏକ ପ୍ରକାର ନିଶ୍ଚିତ। କିନ୍ତୁ ସମସ୍ୟା ଏହା ଯେ ତାଙ୍କ ପାଖରେ ଆଇପିଏଲ୍‌ରେ ରାହୁଲଙ୍କ ପରି କ୍ୟାପ୍ଟେନ୍ସି ଅଭିଜ୍ଞତା ନାହିଁ। ଜଣେ ଖେଳାଳି ଭାବେ ବଲ୍ ଓ ବ୍ୟାଟରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଛି କିନ୍ତୁ ଏବେ କ୍ୟାପ୍ଟେନ ଭାବେ ନିଜକୁ ପ୍ରମାଣିତ କରିବାକୁ ପଡ଼ିବ।

# ଟୁର୍ଣ୍ଣାମେଣ୍ଟରେ ୧୧ କ୍ୟାଚ୍ ଛାଡ଼ିଛନ୍ତି ଭାରତୀୟ ଖେଳାଳି






ନୂଆଦିଲ୍ଲୀ, ୧୧।୩: ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତୀୟ ଟିମ୍ ଲଗାତାର ଭଲ ପ୍ରଦର୍ଶନ କରିଛି । ପୂରା ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍ ନିଜ ବୋଲିଂ ବଳରେ ବିରୋଧୀ ଟିମ୍‌କୁ ବଡ଼ ସ୍କୋର କରିବାକୁ ଦେଇନାହିଁ ।ଟିମ୍ ବ୍ୟାଟିଂ ବି ଭଲ କରିଛି। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍‌ର ଫିଲ୍ଡିଂ ସବୁଠୁ ଅଧିକ ନିରାଶ କରିଛି ।ଭାରତୀୟ ଫିଲ୍ଡର ଟୁର୍ଣ୍ଣାମେଣ୍ଟରେ ୧୧ କ୍ୟାଚ୍ ଛାଡ଼ିଛନ୍ତି।ଏପରିକି ଫାଇନାଲ୍‌ରେ ବି ଭାରତୀୟ ଟିମ୍ କ୍ୟାଚ୍ ଡ୍ରପ୍ କରିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଟିମ୍ ଇଣ୍ଡିଆ ଠାରୁ ଭଲ ଫିଲ୍ଡିଂ ଆଶା କରାଯାଉଥିଲା । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରୁ ହିଁ ଟିମ୍‌ର ଫିଲ୍ଡିଂ ଆଶାର ବିପରୀତ ରହିଛି। ମୈଦାନରେ କ୍ୟାଚ୍ ଧରିବା ମାମଲାରେ ସମାନ ସ୍ଥିତି। ଫାଇନାଲରେ ଭାରତୀୟ ଖେଳାଳି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ୪ କ୍ୟାଚ୍ ଛାଡ଼ିଛନ୍ତି। ଫାଇନାଲ୍‌ରେ ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କ ସମେତ ୪ ଜଣ ଖେଳାଳି କ୍ୟାଚ୍ ଡ୍ରପ୍ କରିଛନ୍ତି । ମହମ୍ମଦ ଶାମି ଇନିଂସର ସପ୍ତମ ଓଭରରେ ନିଜ ବୋଲିଂ ହିଁ ରଚିନ ରବିନ୍ଦ୍ରଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ। ଏହାର ପରବର୍ତ୍ତୀ ଓଭରରେ ହିଁ ରଚିନଙ୍କୁ ଆଉ ଏକ ଜୀବନଦାନ ମିଳିଥିଲା ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ରଚିନଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ ଶ୍ରେୟସ ଆୟର। ଏହାପରେ ଇନିଂସର ୩୫ତମ ଓ ୩୬ତମ ଓଭରରେ ଟିମ୍ ଇଣ୍ଡିଆ। ଲଗାତାର କ୍ୟାଚ୍ ଡ୍ରପ୍ କରିଥିଲା। ପ୍ରଥମେ ଅକ୍ଷର ପଟେଲଙ୍କ ଓଭରରେ ମିଚେଲଙ୍କ କ୍ୟାଚ୍ ଛାଡ଼ିଥିଲେ ରୋହିତ ଶର୍ମା। ଏହାର ପରବର୍ତ୍ତୀ ଓଭରରେ ଜାଡେଜାଙ୍କ ବଲରେ ଶୁଭମନ୍ ଗିଲ୍ ବାଉଣ୍ଡରେ ଫିଲିପ୍ସଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ। ଆଜିର ଏହି ଖରାପ ପ୍ରଦର୍ଶନ ଯୋଗୁ ଟିମ୍ ଇଣ୍ଡିଆ। ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ସବୁଠୁ ଅଧିକ କ୍ୟାଚ୍ ଛାଡ଼ିଥିବା ଟିମ୍ ହୋଇଛି। ରୋହିତ ବାହିନୀ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୧ କ୍ୟାଚ୍ ଡ୍ରପ୍ କରିଛି।

# ୨୦୨୭ ବିଶ୍ୱକପ୍ ପୂର୍ବରୁ ୨୭ ଦିନକିଆ ଖେଳିବ ଭାରତ

ନୂଆଦିଲ୍ଲୀ, ୧୧।୩: ଟିମ୍ ଇଣ୍ଡିଆ। ମାତ୍ର ୯ ମାସ ଭିତରେ ୨ଟି ଆଇସିସି ଟ୍ରଫି ଜିତିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ୨୦୨୪ ଟି-୨୦ ବିଶ୍ୱକପ୍ ଓ ୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ୍ ହୋଇଛି। ତାଙ୍କ ନେତୃତ୍ୱରେ ଦଳ ୩ଟି ଆଇସିସି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୪ଟି ମ୍ୟାଚ୍ ଖେଳି ୨୩ଟି ବିଜୟୀ ହୋଇଛି। କେବଳ ୨୦୨୩ ଦିନକିଆ ବିଶ୍ୱକପ୍ ଫାଇନାଲ୍‌ରେ ଟିମ୍ ଇଣ୍ଡିଆ ପରାସ୍ତ ହୋଇଥିଲା। ଅନ୍ୟ ଦୁଇଟି ଆଇସିସି ଟୁର୍ଣ୍ଣାମେଣ୍ଟ ଅପରାଜେୟ ରହିଛି ଭାରତ।

ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଏବଂ ୨୦୨୭ରେ ଦିନକିଆ ବିଶ୍ୱକପ୍ କ୍ରୀଡ଼ାସୂଚୀ ରହିଛି । ଆଗାମୀ ଦିନକିଆ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ୨୭ଟି ଦିନକିଆ ଖେଳିବାର କାର୍ଯ୍ୟକ୍ରମ ରହିଛି। ଗତ ବର୍ଷ ଦଳ ମାତ୍ର ୩ଟି ଦିନକିଆ ଖେଳିଥିଲା। ଟିମ୍ ଇଣ୍ଡିଆ ଆଗାମୀ ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ଘରୋଇ ବାଂଲାଦେଶ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଦିନକିଆ ସିରିଜ୍ ଖେଳିବ। ଏହାପୂର୍ବରୁ ଆଇପିଏଲ୍ ଏବଂ ଭାରତର ଇଂଲଣ୍ଡ ଗସ୍ତ ରହିଛି। ବାଂଲାଦେଶ ଗସ୍ତ ପରେ ଭାରତ ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନକିଆ ଖେଳିବ। ଏହି ସିରିଜ୍ ପୂର୍ବରୁ ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରୀଡ଼ାସୂଚୀ ରହିଛି।







ସେହିପରି ନଭେମ୍ବର ଓ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନକିଆ ସିରିଜ୍ ସହ ଭାରତର ଚଳିତ ସିଜିନ ଶେଷ ହେବ। ଆଗାମୀ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସି ୩ଟି ଦିନକିଆ ଖେଳିବାକୁ ଥିବାବେଳେ ଜୁନ୍ ମାସରେ ଆଫଗାନିସ୍ତାନ ବିପକ୍ଷରେ ଭାରତ ପ୍ରଥମ ଦ୍ୱିପାକ୍ଷିକ ଦିନକିଆ ସିରିଜ୍ ଆୟୋଜନ କରିବ। ଏହି ସିରିଜ ପୂର୍ବରୁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ରହିଛି। ଏହାସିହତ ଆଇପିଏଲ-୨୦୨୬ କ୍ରୀଡ଼ାସୂଚୀ ରହିଛି। ଆଫଗାନିସ୍ତାନ ବିପକ୍ଷ ସିରିଜ ପରେ ଭାରତ ଜୁଲାଇ ମାସରେ ଇଂଲଣ୍ଡ ଗସ୍ତ କରି ୩ଟି ଦିନକିଆ, ୫ଟି ଟି-ଟ୍ୱେଣ୍ଟି ଖେଳିବ। ଏହାପରେ ଦଳ ସେପ୍ଟେମ୍ବର-ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଘରୋଇ ସୀମିତ ଓଭର ସିରିଜ, ଅକ୍ଟୋବର-ଡିସେମ୍ବରରେ ନ୍ୟୁଜିଲାଣ୍ଡ ଗସ୍ତରେ ଦ୍ୱିପାକ୍ଷିକ ସିରିଜ କ୍ରୀଡ଼ାସୂଚୀ ରହିଛି। ଆଗାମୀ ୨୦୨୭ ଜାନୁଆରୀରେ ଭାରତ ଘରୋଇ ମାଟିରେ ଶ୍ରୀଲଙ୍କା ବିପକ୍ଷରେ ୨ମ୍ୟାଚ୍ ବିଶିଷ୍ଟ ଦିନକିଆ ସିରିଜ ଜରିଆରେ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କରିବ। ୨୦୨୭ ବିଶ୍ୱକପ୍‌କୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିଆ ମିଳିତ ଭାବେ ଆୟୋଜନ କରିବେ।

# ପିସିବି ଅଧିକାରୀଙ୍କୁ ନେଇ ଜବାବ ରଖିଲା ଆଇସିସି

ନୂଆଦିଲ୍ଲୀ, ୧୧।୩: ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ମ୍ୟାଚର ପୁରସ୍କାର ବିତରଣ ଉତ୍ସବ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜକ ଦେଶର ଜଣେ ବି କେହି ସଦସ୍ୟ ସାମିଲ ନଥିଲେ। ମଞ୍ଚରେ ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧିକାରୀଙ୍କୁ ଦେଖିବାକୁ ମିଳିନଥିଲା। ଏହାକୁ ନେଇ ପାକିସ୍ତାନର ଜଣେ ପୂର୍ବତନ କ୍ରିକେଟର ପ୍ରଶ୍ନ ଉଠାଇଛନ୍ତି ।ଆୱାର୍ଡ ସେରିମନିରେ କାହିଁକି ପିସିବିର ଅଧିକାରୀ ନଥିଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ।ତେବେ ଏହା ଉପରେ ପ୍ରତିକ୍ରିୟା ରଖିଛି ଆଇସିସି।

ଆଇସିସି ମୁଖପାତ୍ର ଜିୟୋ ଟିଭି ସହ ଆଲୋଚନା କଲା ବେଳେ କହିଛନ୍ତି, ଆଇସିସି କର୍ତ୍ତୃପକ୍ଷ ପିସିବି ଅଧ୍ୟକ୍ଷ ମୋହସିନ ନକବୀଙ୍କୁ ଫାଇନାଲ୍ ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ମାତ୍ର ସେ ପହଞ୍ଚି ନଥିଲେ ନିୟମ ଅନୁଯାୟୀ, ଆଇସିସି କେବଳ ଆୟୋଜକ ବୋର୍ଡର ପ୍ରମୁଖଙ୍କୁ ନିମନ୍ତ୍ରଣ କରିଥାଏ ଏଥିରେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ସିଇଓ ରହିଥାନ୍ତି ।ହେଲେ ବୋର୍ଡର ଅନ୍ୟ ଅଧିକାରୀମାନେ ଆୟୋଜନ ସ୍ଥଳରେ ଉପସ୍ଥିତ ଥିଲେ ମଧ୍ୟ ପୁରସ୍କାର ବିତରଣ ଉତ୍ସବରେ ସାମିଲ୍ ହୋଇନଥାନ୍ତି।




ଟିମ୍ ଇଣ୍ଡିଆ ଫାଇନାଲ୍ ମ୍ୟାଚ ଜିତିବା ପରେ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସମେତ ୪ଜଣ ଅଧିକାରୀ ପୁରସ୍କାର ବିତରଣ ମଞ୍ଚରେ ଥିଲେ। ଏମାନଙ୍କ ମଧ୍ୟରୁ ବିସିସିଆଇ ଅଧ୍ୟକ୍ଷ ରୋଜର ବିନି ଏବଂ ସଚିବ ଦେବଜିତ ସାଇକିଆ ସହ ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡର ନିର୍ଦ୍ଦେଶକ ରାଜର ଟ୍ୱିଜ୍ ଉପସ୍ଥିତ ଥିଲେ। ଫାଇନାଲ ମଞ୍ଚରେ ଏଭଳି କିଛି ଦେଖିବା ପରେ ପାକିସ୍ତାନର ପୂର୍ବତନ କ୍ରିକେଟର ଶୋଏବ ଅକ୍ତର, ୱାସିମ୍ ଆକ୍ରମଣ ଏବଂ କିଛି କ୍ରିକେଟ୍ ପ୍ରଶଂସକ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି ।ପୁରସ୍କାର ବିତରଣ ଉତ୍ସବ ପିସିବି ଅଧିକାରୀ ନଥିବା ଦୁର୍ଭାଗ୍ୟଜନକ କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ୱେଡଙ୍କୁ ମିଳିଲା ଗୁଜରାଟ ଟାଇଟନ୍ସର ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ,୯।୩: ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ ପାଇଁ ଗୁଜରାଟ ଟାଇଟନ୍ସ (ଜିଟି) ଅଷ୍ଟ୍ରେଲିଆର ପୂର୍ବତନ ଉଇକେଟକିପର-ବ୍ୟାଟର ମାଥ୍ୟୁ ୱେଡଙ୍କୁ ଦଳର ସହାୟକ କୋଚ ଭାବେ ନିଯୁକ୍ତ କରିଛି। ୱେଡ ୨୦୨୨ ଓ ୨୦୨୪ରେ ଗୁଜରାଟ ଫ୍ରାଞ୍ଚାଇଜି ସହିତ ଜଣେ ଖେଳାଳି ଭାବେ ଯୋଡ଼ି ହୋଇଥିଲେ। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିବା ପରେ ସେ ଆଇପିଏଲ ମେଗା ଅକ୍ସନରେ ଭାଗ ନେଇ ନ ଥିଲେ। ୱେଡ ଆଇପିଏଲରେ ମାତ୍ର ୧୫ଟି ମ୍ୟାଚ ଖେଳିଥିଲେ। ସେଥିରୁ ସେ ୧୨ ମ୍ୟାଚ ଜିଟି ପାଇଁ ଖେଳିଥିଲେ। ୨୦୨୨ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟଲ ଜିତିଥିବା ଜିଟି ଦଳର ସେ ସଦସ୍ୟ ଥିଲେ ଆଶିଷ ନେହେରାଙ୍କ ନେତୃତ୍ୱାଧୀନ ସପୋର୍ଟ ଟିମରେ ୱେଡ କାର୍ଯ୍ୟ କରିବେ ତାଙ୍କ ସହିତ ସପୋର୍ଟ ଷ୍ଟାଫଙ୍କ ମଧ୍ୟରେ ବ୍ୟାଟିଂ କୋଚ ପାର୍ଥିବ ପଟେଲ, ଆଶିଷ କାପୁର ଓ ନରେନ୍ଦ୍ର ନେଗୀ ଜିଟି ସପୋର୍ଟ ଷ୍ଟାଫର ସଦସ୍ୟ ରହିଛନ୍ତି।

# ମେଲବୋର୍ଣ୍ଣରେ ଟେଷ୍ଟ କ୍ରିକେଟ୍‌ର ୧୫୦ତମ ବର୍ଷ ପୂର୍ତ୍ତି ମ୍ୟାଚ

ନୂଆଦିଲ୍ଲୀ: ୨୦୨୫ ମାର୍ଚ୍ଚ ୧୧ ଅର୍ଥାତ ଆଜିଠୁ ଠିକ୍ ଦୁଇ ବର୍ଷ ପରେ ୨୦୨୭ ମାର୍ଚ୍ଚ ୧୧ରେ ଟେଷ୍ଟ କ୍ରିକେଟ୍‌କୁ ପୂରିବ ୧୫୦ ବର୍ଷ। ଏହି ଉପଲକ୍ଷେ ଅଷ୍ଟ୍ରେଲିଆର ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ୨୦୨୭ ମାର୍ଚ୍ଚ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ। ଓ ଇଂଲଣ୍ଡ ମଧ୍ୟରେ ପିଙ୍କ ବଲ୍ ଡେ ନାଇଟ୍ ଟେଷ୍ଟ ଖେଳାଯିବ। ମଙ୍ଗଳବାର କ୍ରିକେଟ୍ ଅଷ୍ଟ୍ରେଲିଆ ଏହାର ଘୋଷଣା କରିଛି। ବୋର୍ଡ କହିଛି ଯେ, ଏହି ଐତିହାସିକ ମ୍ୟାଚ୍ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିବାରାତ୍ର ଟେଷ୍ଟ ହେବ। ଏହା କୌଣସି ମହାମୁକାବିଲାଠୁ କମ ନୁହେଁ।କାରଣ ଦୁଇ ଦେଶ କ୍ରିକେଟ୍‌ରେ ସର୍ବଦା ପରସ୍ପରର ତୀବ୍ର ପ୍ରତିଦ୍ୱନ୍ଦ୍ୱୀ ରହି ଆସିଛନ୍ତି।
ଏହି ଐତିହାସିକ ଷ୍ଟାଡିୟମରେ ୧୮୭୭ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଏହା ପରେ ୧୯୭୭ରେ ସେହି ଏମସିଜିରେ ଦୁଇ ଦଳ ମଧ୍ୟରେ ଶତାବ୍ଦୀ ଟେଷ୍ଟ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏହି ଦୁଇ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତି ନେଇଥିଲା।



କ୍ରିକେଟ୍ ଅଷ୍ଟ୍ରେଲିଆ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟଡ ଗ୍ରୀନବର୍ଗ କହିଛନ୍ତି, ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଏହି ଟେଷ୍ଟ ମ୍ୟାଚ୍ ବେଶ ଆକର୍ଷଣୀୟ ଓ ସ୍ମରଣୀୟ ରହିବ।ସେ କହିଛନ୍ତି, ଏହି ମ୍ୟାଚ୍ ଯେମିତି ଅଧିକରୁ ଅଧିକ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯିବ। ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଦର୍ଶକଙ୍କୁ ଏହି ମ୍ୟାଚ୍‌ରେ ଭିନ୍ନ ଆନନ୍ଦ ମିଳିବ। ଅଷ୍ଟ୍ରେଲିଆ ନଭେମ୍ବରରେ ଇଂଲଣ୍ଡ ବିପକ୍ଷ ୨୦୨୫-୨୬ ଆସେସ୍ ସିରିଜ୍‌ର ଆୟୋଜକ ରହିଛି। ଉଲ୍ଲେଖନୀୟ ଅଷ୍ଟ୍ରେଲିଆ। ଏ ପର୍ଯ୍ୟନ୍ତ ୧୩ ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ର ଆୟୋଜନ କରିସାରିଛି, ଯେଉଁଥିରୁ ୧୨ଟି ମ୍ୟାଚ୍ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି। ଏଥିରୁ ୮ଟି ମ୍ୟାଚ୍ ଆଡିଲେଡ୍‌ରେ ଖେଳା ଯାଇଛି।ତେବେ ଅଷ୍ଟ୍ରେଲିଆ। ବିପକ୍ଷ ଉକ୍ତ ମ୍ୟାଚ୍‌କୁ ସ୍ମରଣୀୟ କରିବା ପାଇଁ ଇଂଲଣ୍ଡ ପୂରା ଉଦ୍ୟମ କରିବ।

## ସୁନିଲ୍‌ଙ୍କ ଜବରଦସ୍ତ ସେଲିବ୍ରେସନ

ଦୁବାଇ,୧୧।୩: ଭାରତର ଚାମ୍ପିଅନ୍ସ ଟ୍ରଫି ବିଜୟର ପଡ଼ିନାହାନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସୁନିଲ୍ ଗାଭାସ୍କର। ଟିମ୍ ଇଣ୍ଡିଆ। ଟ୍ରଫି ଉଠାଇବା ପରେ ଗାଭାସ୍କରଙ୍କ ଜବରଦସ୍ତ ସେଲିବ୍ରେସନ ଦେଖିବାକୁ ମିଳିଛି। ଦୁବାଇ ଇଣ୍ଟର ନ୍ୟାଶନାଲ୍ ଗ୍ରାଉଣ୍ଡରେ ଛୋଟ ପିଲାଙ୍କ ଭଳି ନାଚିବାକୁ ଲାଗିଥିଲେ ।

# ୧୫ ମାସ ପରେ ଡବ୍ଲ୍ୟୁଏଫଆଇ ଉପରୁ ହଟିଲା ବାସନ୍ଦ

ନୂଆଦିଲ୍ଲୀ,୧୧।୩: ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ଉପରୁ କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ବାସନ୍ଦାଦେଶ ହଟାଇ ଦେଇଛି। ଏଥିଯୋଗୁ ଦେଶରେ କୁସ୍ତିକୁ ନେଇ ଗତ ୧୫ ମାସ ହେଲା ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି ଫଳରେ ଅମ୍ମାନଠାରେ ହେବାକୁ ଥିବା ଆଗାମୀ ଏସିଆନ ଚାମ୍ପିୟନଶିପ ଲାଗି ସିଲେକ୍ସନ ଟ୍ରାଏଲ୍ସ ଆୟୋଜନ ହେବାର ବାଟ ଫିଟିଛି। ତ୍ରୁଟି ଲାଗି ଡବ୍ଲ୍ୟୁଏଫଆଇର ନବ ନିର୍ବାଚିତ କାର୍ଯ୍ୟକାରୀ ପରିଷଦକୁ ୨୦୨୩ ଡିସେମ୍ବର ୨୭ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି, ଡବ୍ଲ୍ୟୁଏଫଆଇ ତାର ତ୍ରୁଟି ସୁଧାରିବା ପାଇଁ ଦୃଷ୍ଟିମୂଳକ ପଦକ୍ଷେପ ନେଇଛି ଏଣୁ କ୍ରୀଡ଼ା ଓ ଆଥଲେଟଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ବାସନ୍ଦାଦେଶ ଉଠାଇବାକୁ ନିଷ୍ପତ୍ତି ନେଇଛି। ଏଭଳି ନିଷ୍ପତ୍ତି ନେବା ଲାଗି ସରକାରଙ୍କୁ ଧନ୍ୟବାଦ ଦେଉଛି। ଏହା ଆମକୁ ଉଚିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ। ଦେଶରେ କୁସ୍ତିର ମଙ୍ଗଳ ପାଇଁ ଏହାର ଅରବଶ୍ୟକତା ଥିଲା। ଆଥଲେଟଙ୍କୁ ଆବଶ୍ୟକ ପରିମାଣରେ ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ମିଳୁ ନ ଥିଲା। ଆମେ ଏକ ନୂଆ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ସାରିଛୁ। ଖୁବଶୀଘ୍ର ଆମେ କାର୍ଯ୍ୟକାରୀ ପରିଷଦ ବୈଠକ ଡକାଇବୁ ଏବଂ ସିଲେକ୍ସନ ଟ୍ରାଏଲ୍ସ ଲାଗି ସର୍କୁଲାର ଜାରି କରିବୁ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବାରେ ଆମର କୌଣସି ଅସୁବିଧା ନାହିଁ ବୋଲି ଡବ୍ଲ୍ୟୁଏଫଆଇ ସଭାପତି ସଞ୍ଜୟ ସିଂ କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ